

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 JANUARY 2023

Vol.No. 34 ■ No. 26 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେସିଆରଙ୍କ ଦଳରେ ମିଶିଲେ ଓଡ଼ିଶା ନେତା : ବିଆରଏସରେ ଦେଲେ ଯୋଗ

ଭୁବନେଶ୍ୱର,୨୭/୦୧ (ନି.ପ୍ର): ଓଡ଼ିଶା ରାଜନୀତିରେ ହୁଏତ ପ୍ରଥମ ଥର ପାଇଁ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି, ଯେତେବେଳେ ଦଳରେ ସାମିଲ କରିବା ପାଇଁ ଓଡ଼ିଶା ନେତାଙ୍କୁ ସ୍ୱତନ୍ତ୍ର ଚାଟାର୍ଡ ଫ୍ଲାଇଟରେ ହାଇଦ୍ରାବାଦ ଡକାଯାଇଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ଦଳ, ଭାରତ ରାଷ୍ଟ୍ର ସମିତିର ଯୋଗ ଦେବା ପୂର୍ବରୁ ବେଶ ଉତ୍ସାହ ସହ ଏକାଠି ବାହାରିଥିଲେ ଓଡ଼ିଶା ନେତା । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ପୂର୍ବତନ ସାଂସଦ ଜୟରାମ ପାଙ୍ଗୀଙ୍କ ସମେତ କିଛି ପୂର୍ବତନ ବିଧାୟକ ହାଇଦ୍ରାବାଦ ପହଞ୍ଚିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ସାଂସଦ ହେମା ଗମା. ଶିଶିର ଗମାଙ୍ଗ, ପୂର୍ବତନ ସାଂସଦ



ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ବିଧାୟକ ରାଘବ ସେଠ, ପୂର୍ବତନ ବିଧାୟକ ଦେବରାଜ ସେଠଙ୍କ ସମେତ ଚାଷୀ ନେତା ଶେଷଦେବ ନନ୍ଦ ଓ ଅକ୍ଷୟ କୁମାର ଏବଂ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ଭାରତ ରାଷ୍ଟ୍ର ସମିତିରେ ଯୋଗଦେଇ ଓଡ଼ିଶା ରାଜନୀତିରେ ଏକ ନୂଆ ବିତର୍କ ସୃଷ୍ଟି କରିଛନ୍ତି । ଗମାଙ୍ଗ ପରିବାର ସମେତ ଜୟରାମ ପାଙ୍ଗିଙ୍କ ଭଳି ନେତା ବିଆରଏସରେ ସାମିଲ ହେଉଥିବାରୁ ଏହାର ପ୍ରଭାବ ଦକ୍ଷିଣ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାରେ ପଡିବାର ସମ୍ଭାବନା ରହିଛି । ଚାଷ ଓ ଚାଷୀ ପ୍ରସଙ୍ଗ କେସିଆରଙ୍କ ମୁଖ୍ୟ ମୁଦ୍ଦା ହୋଇଥିବା ବେଳେ ଓଡ଼ିଶାର ଚାଷୀ ନେତାଙ୍କୁ ଦଳରେ ସାମିଲ କରିଛନ୍ତି । ତେଣୁ ଚାଷୀଙ୍କୁ ନିଜ ଦଳ ଆଡକୁ ଆକର୍ଷିତ କରିବାକୁ ଉଦ୍ୟମ କରିପାରେ ଭାରତ ରାଷ୍ଟ୍ର ସମିତି । ଚର୍ଚ୍ଚା ହେଉଛି କେସିଆରଙ୍କ ଦଳ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆମ୍ ଆଦମୀ ପାର୍ଟି ସହ ମିଳିତ ଭାବେ ଓଡିଶାରେ ନିର୍ବାଚନ ଲଢିପାରନ୍ତି । ଯଦି ଏହା ହୁଏ ତେବେ ଏହା ଉପକୂଳ ଓଡିଶାର ଭୋଟରଙ୍କୁ ମଧ୍ୟ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି । କିନ୍ତୁ ଏହି ସମ୍ଭାବନାକୁ ବାଏଁ ବାଏଁ ଉଠାଇ ଦେଇଛନ୍ତି ଓଡ଼ିଶାର ତିନି ପ୍ରମୁଖ ଦଳର ନେତା । ରାଜନୀତିର ଏହି ବୟାନବାଜି ଭିତରେ ହୁଏତ ଗୋଟିଏ କଥା ସ୍ପଷ୍ଟ ଯେ, ନୂଆ ସାମୁଖ୍ୟ ନେଇ କେ. ଚନ୍ଦ୍ରଶେଖର ରାଓ ଯେଉଁ ପରିକଳ୍ପନା କରୁଛନ୍ତି, ସେଥିପାଇଁ ଓଡିଶାରୁ ବିଆରଏସ୍ ବ୍ରିଗେଡ୍ ପାଇଁ ପ୍ରସ୍ତୁତ ଆରମ୍ଭ କରି ଦେଇଛନ୍ତି ।

## ପରୀକ୍ଷାର୍ଥୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଟିପ୍ସ : 'ସ୍ମାର୍ଟ ହୋଇ ହାର୍ଡୱାର୍କ କର'

ନୂଆଦିଲ୍ଲୀ,୨୭/୦୧ : ପରୀକ୍ଷାକୁ ନେଇ ଚାପଗ୍ରସ୍ତ ନହୋଇ, କେମିତି ଭଲ କରିପାରିବେ ସେଥିପାଇଁ ପରୀକ୍ଷାର୍ଥୀଙ୍କୁ ଟିପ୍ସ ଦେଇଛନ୍ତି ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ । ଦିଲ୍ଲୀର ତାଲକଟୋରା ଷ୍ଟାଡିୟମରେ ଆୟୋଜିତ ସଭାରୁ ପରୀକ୍ଷା ପେ ଚର୍ଚ୍ଚାରେ ସାମିଲ ହୋଇ, ଦେଶର ବିଭିନ୍ନ ପ୍ରାନ୍ତରୁ ଯୋଡି ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରଶ୍ନ ଶୁଣିବା ସହ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସେମାନଙ୍କ ଭିତରେ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱର କେମିତି ସମାଧାନ କରିପାରିବେ ସେଥିପାଇଁ ମାର୍ଗଦର୍ଶନ କରିଛନ୍ତି । ପିଲାଙ୍କ ପ୍ରଶ୍ନ ଥିଲା – ପରୀକ୍ଷାରେ ଭଲ କରିବା ପାଇଁ ହାର୍ଡୱାର୍କ ଏବଂ ସ୍ମାର୍ଟୱାର୍କ ଭିତରୁ କେଉଁଟି ଅଧିକ ଗୁରୁତ୍ୱପୂର୍ଣ୍ଣ ? ମୋଦୀ ଉତ୍ତର ଦେଇ କହିଥିଲେ, ଉଭୟରେ ଥିବା ଫରକ ବୁଝି, ଆବଶ୍ୟକ ଫଳାଫଳ ହାସଲ ପାଇଁ ଉଦ୍ୟମ କରିବା ଉଚିତ୍ । ଶୋଷିଲା କାଉ ଓ ମାଠିଆରେ ଗୋଡି ପକାଇବା



ଗପର ଦୃଷ୍ଟାନ୍ତ ଦେଇ କହିଥିଲେ, ସ୍ମାର୍ଟ ହୋଇ ହାର୍ଡ ୱାର୍କ କର, ସଫଳତା ମିଳିବ । ପରୀକ୍ଷାରେ ଭଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଟେକ୍ନୋଲୋଜି ଓ ଗେଜେଟର ଗୁଲାମ ନବନିବାକୁ ପରାମର୍ଶ ଦେଇଛନ୍ତି । କହିଛନ୍ତି, ଟେକ୍ନୋଲୋଜି ବା ଗେଜେଟ୍ ପଛରେ ଦୌଡ଼ନ୍ତୁ ନାହିଁ । ନିଜ ଆବଶ୍ୟକତା ଅନୁସାରେ ଗେଜେଟର ବ୍ୟବହାର କରନ୍ତୁ । ଡିଜିଟାଲ ଉପବାସ କରନ୍ତୁ । ଘର ଭିତରେ ନୋ ଟେକ୍ନୋଲୋଜି ଜୋନ୍ ଆବଶ୍ୟକ । ପରୀକ୍ଷା ନୁହେଁ, ଟାଇମ୍ ମ୍ୟାନେଜମେଣ୍ଟ ପ୍ରତି ଦରକାର ସଚେତନତା । ମା'ଙ୍କଠାରୁ ଟାଇମ୍ ମ୍ୟାନେଜମେଣ୍ଟ ଶିଖିବା ଦରକାର । ସମୟର ସଦୁପଯୋଗ କଲେ ସଫଳତା ନିଶ୍ଚୟ ମିଳିବ । ତେବେ ସବୁଠୁ ରୋଚକ ପ୍ରଶ୍ନ କରିଥିଲେ ଓଡିଶାର ଛାତ୍ର ତନ୍ମୟ ବିଶ୍ୱାଳ । ପଚାରିଥିଲେ, ଆଜିକାଲି କପି ଏକ ମାରାତ୍ମକ ବ୍ୟାଧି ଭଳି ମାଡିଯାଉଛି । ▶▶ପୃଷ୍ଠା ୭

## ଏବେ ଯଦି ନିର୍ବାଚନ ହୁଏ, କିଏ ମାରିବ ବାଜି ?

ନୂଆଦିଲ୍ଲୀ,୨୭/୦୧ : ୨୦୨୪ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏପରି ସମୟରେ ଦେଶରେ ଯଦି ନିର୍ବାଚନ ହୁଏ କେଉଁ ଦଳର ପଲ୍ଲା ଭାରି ରହିବ ? ସରକାର କିଏ ଗଢିବ ? ଇଣ୍ଡିଆ ଟୁଡେ ଓ ସି ଭୋଟରର ମୁଡ ଅଫ ଦ ନେସନ୍ ସର୍ଭେରେ ଯେଉଁ ତଥ୍ୟ ଆସିଛି ତାହା ସ୍ପଷ୍ଟ ଦର୍ଶାଉଛି ଯେ ମୋଦୀ ଏବେ ସମସ୍ତଙ୍କ ଆଗରେ ଅଛନ୍ତି । ସର୍ଭେ ଅନୁସାରେ ଏବେ ଲୋକସଭା ନିର୍ବାଚନ ହେଲେ ଏନଡିଏ ପୁଣି ସରକାର ଗଠନ କରିବ ଅର୍ଥାତ ବିଜେପି ପୁଣି କ୍ଷମତାକୁ ଫେରିବ । ସେହିପରି ୨୦୧୯ ଅପେକ୍ଷା ୟୁପିଏ ଟିକିଏ ଭଲ କରିବ ବୋଲି ସଙ୍କେତ ମିଳିଛି । ରିପୋର୍ଟ ଅନୁସାରେ ଏନଡିଏକୁ ୨୯୮ ଆସନ, ୟୁପିଏକୁ ୧୫୩ ଆସନ ଓ ଅନ୍ୟଦଳକୁ ୯୨ ଆସନ ମିଳିବ । ସେହିଭଳି ଭୋଟ୍ ପ୍ରତିଶତ ହିସାବରେ ଦେଖିଲେ ଏନଡିଏକୁ ୪୩, ୟୁପିଏକୁ ୨୯ ଓ ଅନ୍ୟ ଦଳକୁ ୨୮ ପ୍ରତିଶତ ଭୋଟ ମିଳିବା ସମ୍ଭାବନା ରହିଛି । ଦଳ ହିସାବରେ ଦେଖିଲେ ବିଜେପିକୁ ୨୮୪ , କଂଗ୍ରେସକୁ ୬୮ ଓ ଅନ୍ୟଦଳକୁ ୧୯୧ ଆସନ ମିଳିବା ସମ୍ଭାବନା ରହିଛି । ବିଜେପିକୁ ୩୯ ପ୍ରତିଶତ, କଂଗ୍ରେସକୁ ୨୨ ଓ ଅନ୍ୟ ଦଳକୁ ୩୯ ପ୍ରତିଶତ

## ଆରମ୍ଭରୁ 'ବିଆରଏସ୍'ର ହାମ୍‌ଲା : ଓଡ଼ିଶାର ଚାଷୀ, ଦଳିତ, ଖଣି, ପାଣି ପ୍ରସଙ୍ଗ ଉଠାଇଲେ କେସିଆର୍

ଭୁବନେଶ୍ୱର,୨୭/୦୧ (ନି.ପ୍ର): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ଭାରତ ରାଷ୍ଟ୍ରସମିତି(ବିଆରଏସ) ଆଜି ଆନୁଷ୍ଠାନିକ ଭାବେ ଓଡ଼ିଶାରେ ନିଜର ପାଦ ଥାପିଛି । ଓଡ଼ିଶାର ୧୨ରୁ ଅଧିକ ପୂର୍ବତନ ବିଧାୟକ, ସାଂସଦଙ୍କ ସମେତ ମୋଟ ପ୍ରାୟ ୫୦୦ଜଣ ଆଜି ହାଇଦ୍ରାବାଦର ବିଆରଏସ କାର୍ଯ୍ୟାଳୟରେ କେସିଆରଙ୍କ ଉପସ୍ଥିତିରେ ବିଆରଏସରେ ସାମିଲ ହୋଇଛନ୍ତି । ବିଆରଏସ୍ ଗଠନର ସଂକଳ୍ପ ସମ୍ପର୍କରେ ଅବଗତ କରିବା ସହ କେସିଆର ଆରମ୍ଭରୁ ଓଡ଼ିଶା ପ୍ରତି ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଛନ୍ତି ।



କୌଣସି କାଗଜ ଅବା ଟେଲିପ୍ରମ୍ପଟର ନପଢ଼ି କେସିଆର ଓଡ଼ିଶାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉଠାଇ ଶାଣିତ ଆକ୍ରମଣ କରିଛନ୍ତି । କୌଣସି ରାଜନୀତିକ ଦଳକୁ ସିଧାସଳଖ ଆକ୍ଷେପ କରିନଥିଲେ ମଧ୍ୟ ନିର୍ବାଚନରେ ନେତା-ପାର୍ଟି ଜିତୁଛି, ନିର୍ବାଚନ ପରେ ଜନତା ହାରୁଛି ବୋଲି କହିବା ସହ ତାଙ୍କ ଦଳ ନିର୍ବାଚନରେ ଜନତା କିଭଳି ଜିତିବ ସେ ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ବୋଲି କହିଥିଲେ । ଆଜି ହାଇଦ୍ରାବାଦରେ ବିଆରଏସ୍ ପାର୍ଟି କାର୍ଯ୍ୟାଳୟରେ ଓଡ଼ିଶାରୁ ଯାଇଥିବା ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସେ ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରିଛନ୍ତି । ଏକ ସ୍ୱତନ୍ତ୍ର ଚାର୍ଟର ପ୍ଲେନ ଓ ୧୦ଟି ବସରେ ଏହି ନେତାମାନେ ଆଜି ହାଇଦ୍ରାବାଦରେ ପହଂଚିଥିଲେ । ଆଜି ସନ୍ଧ୍ୟାରେ ଏହି ନେତାମାନଙ୍କୁ ଦଳରେ ସ୍ୱାଗତ କରି କେସିଆର କହିଥିଲେ ଯେ, ଓଡ଼ିଶାର ମହାନଦୀର ମାତ୍ର ୨୫-୩୦ପ୍ରତିଶତ ଜଳ ଉପଯୋଗ ହେଉଛି । ପ୍ରାୟ ୫୫ ପ୍ରତିଶତ ଜଳ ସମୁଦ୍ରକୁ ଯାଉଛି । ଆବଶ୍ୟକତାରୁ ଅଧିକ ଜଳ ନଷ୍ଟ ହେଉଛି । ଏହି ଜଳକୁ ଲୋକଙ୍କ ପିଇବା ପାଣି, ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କାର୍ଯ୍ୟରେ ଉପଯୋଗ କରାଯାଇ ପାରନ୍ତା । ବ୍ରାହ୍ମଣୀ, ବୈତରଣୀ ସହ ଆଉ ଛୋଟ ଛୋଟ ନଦୀ ବି ଅଛି । ନଦୀ ଜଳ ସମୁଦ୍ରରେ ନଷ୍ଟ ହେଉଛି

## ୭୪ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୭/୦୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଏହି ସମାରୋହରେ ଉପସ୍ଥିତ ଥିଲେ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସକାଳ ୮.୨୮ ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଂଚିବା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂଶଲ ଓ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ସୌମେନ୍ ବାନାର୍ଜୀ ମାନ୍ୟବର ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇ ମଂଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କଳାହାଣ୍ଡି ଏ.ଏସ୍.ପି. ଶ୍ରୀ ୟଶପ୍ରତାପ ଶ୍ରୀମାଲ୍ ପ୍ୟାରେଡ୍ ପରିଚାଳନା କରିଥିଲେ । ଓ.ଏ.ପି.ଏସ୍., ତୃତୀୟ ବାଟାଲିୟନ୍, କୋରାପୁଟର ଶ୍ରୀ ଦୀପକ କୁମାର ଗଡ଼ନାୟକ ଦ୍ୱିତୀୟ ପରିଚାଳକ ଭାବେ ଏବଂ ଭୁବନେଶ୍ୱର ଓ.ଏସ୍.ଏ.ପି. ସପ୍ତମ ବାଟାଲିୟନ୍‌ର ଆସିଷ୍ଟାଂଟ କମିଶନର ଶ୍ରୀ ଭବାନୀ ପ୍ରସାଦ ଜେନା ଆଡ୍‌ଜୁଟାଂଟ ଭାବେ ପ୍ୟାରେଡ୍ ପରିଚାଳନାରେ ସହାୟତା କରିଥିଲେ । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୮ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୮ଟି ବେସାମରିକ ଦଳ ସମୁଦାୟ ୪୬ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ ।

## ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ମାମଲାରେ ୫ ଗିରଫ, ୧୪ଟି ମେଡାଲ ଜବତ

ଭୁବନେଶ୍ୱର,୨୭/୦୧ (ନି.ପ୍ର): ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଛି । କମିଶନରେଟ ପୋଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶ୍ରୀକାନ୍ତ ନାୟକ ଓ ତାର ସହଯୋଗୀ ସୁନା ଛଡ଼ା ଗ୍ୟାଙ୍ଗ ଲିଡର ମୁଖ୍ୟ ଜି. ଗଙ୍ଗା ରେଡି, ମିଲୁ ବେହେରା ଓ ଚିତ୍ତ ଦଳେଇ ଗିରଫ କରିଛି । ଏମାନଙ୍କ ନାଁରେ କମିସନରେଟ ପୁଲିସ ଅଂଚଳରେ ୧୦୦ରୁ ଅଧିକ ମାମଲା ରହିଛି । ଅନ୍ୟ ପକ୍ଷରେ ସେମାନଙ୍କଠାରୁ ପ୍ରବୋଧଙ୍କ ଘରୁ ଚୋରି ହୋଇଥିବା ୧୪ଟି ମେଡାଲ ଜବତ ହୋଇଥିବା ଜଣା ପଡିଛି । ଗୋଟିଏ ଗୋଲଡ ମେଡାଲ, ୮ଟି ବ୍ରୋଞ୍ଜ ମେଡାଲ, ୫ଟି ସିଲଭର ମେଡାଲ, ସୁନା କାନ ଫୁଲ, ପ୍ଲାଟିନମ ଚେନ, ଗୋଲଡ ପ୍ଲେଟେଡ଼ କ୍ଲିପ, ୫୬ ଇଂଚର ଏଲଇଡ଼ି ଟିଭି, ଡିଏସଏଲଆର କ୍ୟାମେରା, ମୋବାଇଲ ଫୋନ,ଗ୍ୟାସ ସିଲିଣ୍ଡର ଓ ଘର ତଡା ଉପକରଣ ଜବତ କରାଯାଇଛି । ଉଲ୍ଲେଖନୀୟ ଯେ ଗତ ୨୦ ତାରିଖରେ ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ହୋଇଥିଲା । ଘରେ ଥିବା ମୂଲ୍ୟବାନ ଆସବାବପତ୍ର ସମେତ ସମସ୍ତ ମେଡାଲ କେହି ଚୋରି କରି ନେଇ ଯାଇଥିଲେ । ଏ ନେଇ ପ୍ରବୋଧଙ୍କ ଭାଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଜାଂଚ ଆରମ୍ଭ କରିଥିଲା ।

## ପୁଣିଥରେ ଇଡିରେ ହାଜର ହେଲେ ତାଳଚେର ବିଧାୟକ ବ୍ରଜ ପ୍ରଧାନ



ଭୁବନେଶ୍ୱର,୨୭/୦୧ (ନି.ପ୍ର): ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡିରେ ପୁଣି ଥରେ ହାଜର ହୋଇଛନ୍ତି ତାଳଚେର ବିଧାୟକ ବ୍ରଜ ପ୍ରଧାନ । ଖଣି ମାମଲାକୁ ନେଇ ଇଡି ବିଧାୟକଙ୍କୁ ପଚରାଉଚୁରା କରୁଥିବା ସୂଚନା ମିଳିଛି । ଖଣି କାରବାରରେ ତାଙ୍କ ସମ୍ପୃକ୍ତିକୁ ନେଇ ଗତ ସପ୍ତାହରେ ଇଡିରେ ହାଜର ହୋଇ ପକ୍ଷ ରଖିଥିଲେ । ତେବେ ଜେରା ବେଳେ ବ୍ରଜ ପ୍ରଧାନ ଆବଶ୍ୟକ କାଗଜପତ୍ର ଦାଖଲ କରିପାରିନଥିବା ସୂଚନା ମିଳିଥିଲା । ତେଣୁ ଦ୍ୱିତୀୟ ଥର ପାଇଁ ଇଡି ତାଙ୍କୁ ହାଜର ହେବାକୁ କହିଥିବା ସୂଚନା ରହିଛି ।

## ବିବିସି ଡକ୍ୟୁମେଣ୍ଟାରୀକୁ ନେଇ ବଢୁଛି ବିବାଦ : ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ହଙ୍ଗାମା

ନୂଆଦିଲ୍ଲୀ, ୨୭/୦୧ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆଧାରିତ ବିବିସି ଡକ୍ୟୁମେଣ୍ଟାରୀକୁ ନେଇ ବଢୁଛି ବିବାଦ । ଜେଏନୟୁ ଏବଂ ଜାମିଆ ୟୁନିଭରସିଟି ପରେ ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ବିବିସି ଡକ୍ୟୁମେଣ୍ଟାରୀ ସ୍କ୍ରିନିଂକୁ ନେଇ ହଙ୍ଗାମା ଦେଖାଦେଇଛି । ଏନଏସୟୁଆଇର ଛାତ୍ର ସଙ୍ଗଠନ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଗଣ୍ଡଗୋଳ କରିଛନ୍ତି । ତେବେ ଉତ୍ତେଜନା ଅଧିକ ହେବାରୁ ଦିଲ୍ଲୀ ପୁଲିସ ପକ୍ଷରୁ ୟୁନିଭରସିଟିରେ ୧୪୪ ଧାରା ଲାଗୁ କରାଯାଇଛି । ଏହାସହ ପ୍ରଦର୍ଶନକାରୀଙ୍କୁ ପୁଲିସ ହେପାଜତକୁ ନେଇଛି । ଘଟଣାସ୍ଥଳରେ ପରିସ୍ଥିତି ଉପରେ ନଜର ରଖାଯାଇ ପୋଲିସ ମୁତୟନ ହୋଇଛନ୍ତି । ଆନ୍ଦୋଳନ କରିବା ସହ ଦିଲ୍ଲୀ ପୋଲିସ ଗୋ ବ୍ୟାକ ,




ଗୋ ବ୍ୟାକ ନାରାରେ କ୍ୟାମ୍ପସ କମ୍ପି ଉଠିଥିଲା । ତେବେ ପୁଲିସ କହିବା ଅନୁଯାୟୀ, ଯେହେତୁ ଏହି ସ୍ଥାନରେ ବାରମ୍ବାର ଧାରଣା ପ୍ରଦର୍ଶନ ହେଉଛି ତେଣୁ ୨୦୨୨ ମସିହା ଡିସେମ୍ବର ମାସରୁ ହିଁ ଏହି ସ୍ଥାନରେ ୧୪୪ ଧାରା ଲାଗୁ କରାଯାଇଛି । ଏନଏସୟୁଆଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆର୍ଟ ଫାକଲ୍ଟି ବାହାରେ ୪ଟା ବେଳେ ବିବିସି ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ କରିବାକୁ ଘୋଷଣା ହୋଇଥିଲା । ଯାହାକୁ ନେଇ ପୁଲିସ ଆର୍ଟ ଫାକଲ୍ଟି ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଦିଲ୍ଲୀ ପୁଲିସ ଅନୁଯାୟୀ, ୧୪୪ ଧାରା ଲାଗୁ କରାଯାଇଥିବା ଯୋଗୁଁ କୌଣସି ପ୍ରକାର ଭିଡ଼ ଗ୍ରହଣୀୟ ନୁହେଁ ।

## ସର୍ଜିକାଲ ଷ୍ଟ୍ରାଇକ ଉପରେ ପ୍ରଶ୍ନ ଉଠାଇ ପୁଣି ବିବାଦରେ କଂଗ୍ରେସ ନେତା

ନୂଆଦିଲ୍ଲୀ,୨୭/୦୧ : ସର୍ଜିକାଲ ଷ୍ଟ୍ରାଇକକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସର ବରିଷ୍ଠ ନେତା ରାସିଦ ଅଲବୀ । କିଛି ଦିନ ପୂର୍ବରୁ ଦିଗବିଜୟ ସିଂଙ୍କ ବୟାନକୁ ନେଇ ବିବାଦ ଥମିନଥିବାବେଳେ ଏବେ ରାସିଦ କେନ୍ଦ୍ର ସରକାରଙ୍କଠୁ ସର୍ଜିକାଲ ଷ୍ଟ୍ରାଇକର ଭିଡିଓ ଦାବି କରି ପ୍ରମାଣ ମାଗିଛନ୍ତି । ସେପଟେ ବିଜେପି କହିଛି ସେନା ଓ ଦେଶର ଅପମାନ କରିବାରେ କଂଗ୍ରେସ ଅଭ୍ୟସ୍ତ, ତୁରନ୍ତ ମାଗୁ କ୍ଷମା । ସର୍ଜିକାଲ ଷ୍ଟ୍ରାଇକୁ ନେଇ ବରିଷ୍ଠ



କଂଗ୍ରେସ ନେତା ଦିଗବିଜୟ ସିଂ କିଛି ଦିନ ପୂର୍ବରୁ ଦେଇଥିଲେ ବିବାଦୀୟ ବୟାନ । ପୁରୁଣା ବିବାଦ ଥମିନଥିବା ବେଳେ ଏବେ ମୁଣ୍ଡ ଟେକିଛି ନୂଆ ସମସ୍ୟା । ସର୍ଜିକାଲ ଷ୍ଟ୍ରାଇକକୁ ନେଇ ପ୍ରଶ୍ନ ଉଠାଇବା ସହ ପ୍ରମାଣ ମାଗିଛନ୍ତି ଦଳର ବରିଷ୍ଠ ନେତା ରାସିଦ ଅଲବୀ । ଦିଗବିଜୟଙ୍କ ସ୍ୱରରେ ସ୍ୱର ମିଳାଇ ଏବେ ରସିଦ ଅଲବୀ କେନ୍ଦ୍ର ସରକାରଙ୍କ ଉପରେ ପ୍ରଶ୍ନବାଣ କରିଛନ୍ତି । ସର୍ଜିକାଲ ଷ୍ଟାଇକର ପ୍ରମାଣ ମାଗିଛନ୍ତି ରାସିଦ ଅଲବୀ । ସର୍ବସମ୍ମୁଖରେ ସର୍ଜିକାଲ ଷ୍ଟ୍ରାଇକର ଭିଡିଓ ଆଣିବା ପାଇଁ ସେ ଦାବି କରିଛନ୍ତି । ଦିଗବିଜୟଙ୍କ ବୟାନକୁ ନେଇ ବିବାଦ ବଢୁଥିବା ଦେଖି କଂଗ୍ରେସ ମଧ୍ୟ ସଫା ସଫା ଶବ୍ଦରେ ପ୍ରତିକ୍ରିୟା ରଖିଥିଲା । କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ ଦିଗବିଜୟଙ୍କ ବୟାନ ତାଙ୍କର ବ୍ୟକ୍ତିଗତ ବୟାନ, ଏହା ଦଳର ବୟାନ ନୁହେଁ । ▶▶ପୃଷ୍ଠା ୭

## ଲଞ୍ଚ ହେଲା ନାଜାଲ ଭ୍ୟାକ୍ସିନ

ନୂଆଦିଲ୍ଲୀ,୨୭/୦୧ : ପୁଣି ଥରେ ସମଗ୍ର ବିଶ୍ୱରେ କୋଭିଡ୍ ମହାମାରୀ ମୁଣ୍ଡ ଟେକିଥିବା ବେଳେ ଏହାର ମୁକାବିଲା ପାଇଁ ଭାରତକୁ ମିଳିଲା ନୂଆ ଅସ୍ତ୍ର । ଲଞ୍ଚ ହୋଇଛି ଭାରତ ବାୟୋଟେକ ଦ୍ୱାରା ବିକଶିତ ନାଜାଲ ଭ୍ୟାକ୍ସିନ୍ 'ଇନକୋଭାକ' । ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ ଗତକାଲି ଏହି ନାଜାଲ ଭ୍ୟାକ୍ସିନକୁ ଲଞ୍ଚ କରିଛନ୍ତି । ସରକାରଙ୍କ କହିବା ଅନୁଯାୟୀ, ଏହା ବିଶ୍ୱର ପ୍ରଥମ ଇଣ୍ଟ୍ରା-ନାଜାଲ ବା ଅନ୍ତର୍ନାସିକା ଟିକା, ଯାହା କୋଭିଡ୍ ପାଇଁ ସମ୍ପୂର୍ଣ୍ଣ ଭାବେ ଉପଯୋଗୀ । ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଦ୍ୱାରା ନିର୍ମିତ ଏହି ଭ୍ୟାକ୍ସିନ ଫେବୃୟାରୀ ପ୍ରଥମ ସପ୍ତାହରେ ବଜାରରେ ଉପଲବ୍ଧ ହେବ । ଏହା ଏବେ କୋ-ୱିନ ଆପରେ ମଧ୍ୟ ଉପଲବ୍ଧ ହୋଇ ନାହିଁ । ଏହା ଏକ ବୁଷ୍ଟର ଡୋଜ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିବା ବେଳେ ଏହା କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରଣ ସଂସ୍ଥା ଦ୍ୱାରା ସାର୍ଟିଫିକେଟ ବି ପାଇ ସାରିଛି ।

# ନାଲ୍‌କୋ ଏସ୍‌ଭିଏମ୍‌ରେ ୫୧ ଶିକ୍ଷକ ପଦ ଖାଲି, ଶିକ୍ଷକ ଅଭାବ ଯୋଗୁଁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ




ନାଲକୋନଗର , ୨୭/୦୧ (ନି.ପ୍ର): ଶିକ୍ଷା ବିକାଶ ସମିତି ସହବନ୍ଧିତ ନାଲକୋ ପରିଚାଳନା ଅନ୍ତର୍ଭୁକ୍ତ ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିର ରାଜ୍ୟର ଏକ ଶ୍ରେଷ୍ଠ ସ୍କୁଲ୍ ଭାବେ ପରିଗଣିତ। ଗତ ୫ ବର୍ଷଧରି ଲଗାତର ଭାବେ ରାଜ୍ୟ ସରକାରଙ୍କ ଠାରୁ ଏହା 'ବେଷ୍ଟ ସ୍କୁଲ ଆୱାର୍ଡ' ହାସଲ କରିଛି। ଏହି ସ୍କୁଲ୍‌ର ଅନେକ ଛାତ୍ରଛାତ୍ରୀ ବହୁ ଉଚ୍ଚ ପଦରେ ଅଧିଷ୍ଠିତ ହୋଇଛନ୍ତି। ମାତ୍ର ସ୍କୁଲ୍‌ରେ ଶିକ୍ଷକ ଅଭାବ ଯୋଗୁଁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରରେ ନର୍ସରୀଠାରୁ ଆରମ୍ଭକରି ଯୁକ୍ତଦୁଇ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ନାଲ୍‌କୋ କର୍ମଚାରୀ, ଠିକାଶ୍ରମିକ, ପାରିପାର୍ଶ୍ୱିକ ଗାଁର ପିଲା ଏଠାରେ ପଢୁଛନ୍ତି। ଚଳିତ ବର୍ଷ ଏହି ସ୍କୁଲ୍‌ରେ ୧୯୫୦ ଜଣ ଛାତ୍ରୀଙ୍କ ସମେତ ମୋଟ ୩୫୦୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ବିଭିନ୍ନ ଶ୍ରେଣୀର ସେକ୍ସନ ମିଶାଇ ମୋଟ ୮୦ଟି ସେକ୍ସନ ରହିଛି। ବିଦ୍ୟାଳୟ ପାଇଁ ୧୪୫ଟି ଶିକ୍ଷକ/ ଶିକ୍ଷୟିତ୍ରୀ ପଦ ମଞ୍ଜୁର ହୋଇଥିବାବେଳେ ବର୍ତ୍ତମାନ ୧୩ ଜଣ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ସମେତ ୯୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଛନ୍ତି। ବିଭିନ୍ନ ବିଭାଗର ୫୧ଟି ଶିକ୍ଷକ ପଦ ଖାଲି ପଡ଼ିଛି। ଚଳିତବର୍ଷ ଶେଷ ସୁଦ୍ଧା ଆଉ ୯ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅବସର ନେବେ। ଇଂରାଜୀ, ଓଡ଼ିଆ, ବିଜ୍ଞାନ, ଗଣିତ,ସାମାଜିକ ବିଜ୍ଞାନ ପ୍ରଭୃତି ମୁଖ୍ୟ ପାଠ୍ୟ ବିଷୟ ସମେତ ନୃତ୍ୟ, ଗୀତ, ଖେଳ, କମ୍ପ୍ୟୁଟର ବିଭାଗରେ ଶିକ୍ଷକ ଅଭାବ ଅଛନ୍ତି। ତେଣୁ ଜଣେ ଶିକ୍ଷକଙ୍କୁ ୬ଟିରୁ ୧୦ଟି ପର୍ଯ୍ୟନ୍ତ ପିରିୟଡ଼ରେ ପଢ଼ାଇବାକୁ ପଡୁଛି। ଶିକ୍ଷକମାନେ ଛୁଟି ନେବା କଷ୍ଟକର ହେଉଛି। ୨୦୧୭ ମସିହାରେ ଶେଷ ଥର ପାଇଁ ଏଠାରେ ୭ ଜଣ ନିଯୁକ୍ତି ପାଇଥିଲେ। ତା'ପରଠାରୁ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି।

ସେହିପରି ନାଲ୍‌କୋ ଡିପିଏସ୍ (ଦିଲ୍ଲୀ ପବ୍ଲିକ୍ ସ୍କୁଲ୍)ରେ ସମାନ ଅବସ୍ଥା। ଏହି ସ୍କୁଲ୍‌ରେ ନର୍ସରୀଠାରୁ ଯୁକ୍ତ୨ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମୋଟ ୩୦୦୦ ଛାତ୍ରଛାତ୍ରୀ ପଢୁଛନ୍ତି। ଏଠାରେ ୧୩୫ରୁ ୧୪୦ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀ ଆବଶ୍ୟକ ଥିବାବେଳେ ଅଛନ୍ତି ୮୨ ଜଣ। ଫଳରେ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କୁ ଦୈନିକ ୫ ବା ୬ଟି କ୍ଲାସ୍ ବଦଳରେ ୭ରୁ ୮ଟି କ୍ଲାସ୍ କରିବାକୁ ପଡୁଛି। ଏଠାରେ ସ୍ଥାୟୀ ଅଧକ୍ଷ ନାହାନ୍ତି। ଏଥିଯୋଗୁଁ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିଚାଲିଛି। ଏ ସମ୍ପର୍କରେ ନାଲକୋ ଇଡି ଭୀମସେନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି 'ନାଲ୍‌କୋ ଏସ୍‌ଭିଏମ୍ ଓ ଡିପିଏସ୍‌ରେ ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ସମସ୍ୟା ହେଉଥିବା ଖବର ଆମକୁ ମିଳିଛି। ନାଲ୍‌କୋ ପ୍ରଶାସନିକ ସ୍ତରରେ ଆଲୋଚନାକରି ଶିକ୍ଷକ ସମସ୍ୟା ସମାଧାନ ପାଇଁ ପ୍ରସ୍ତୁତି ଚାଲିଛି।'

# ଲୋକପ୍ରିୟ ଲୋକଗୀତ 'ରଙ୍ଗବତୀ'ର ଏକ ସ୍ୱତନ୍ତ୍ର ପରିଚୟ ରହିଛି: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୭/୦୧ (ନି.ପ୍ର): ଲୋକଗୀତ 'ରଙ୍ଗବତୀ'ର ତିନି କଳାକାରଙ୍କୁ ସମ୍ମାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟ୍ୱିଟ୍ କରି ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଲୋକପ୍ରିୟ ଲୋକଗୀତ 'ରଙ୍ଗବତୀ'ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ପ୍ରାୟ ୪ ଦଶନ୍ଧି ପୂର୍ବେ ପ୍ରସ୍ତୁତ ହୋଇଥିବା ଏହି ଗୀତ ଏବେ ବି ଜନମାନସରେ ଆଦୃତ ହୋଇ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୭ରେ 'ରଙ୍ଗବତୀ' ଗୀତର ଗାୟକ ଜିତେନ୍ଦ୍ର ହରିପାଲ, ୨୦୨୦ରେ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିବା ସହ ଚଳିତବର୍ଷ ପାଇଁ ଏହି ଗୀତର ଗାୟିକା କ୍ରିଷ୍ଣା ପଟେଲଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରିଛନ୍ତି । ପ୍ରଧାନମନ୍ତ୍ରୀ ଜୁଲାଇ, ୨୦୨୦ରେ ମଧ 'ରଙ୍ଗବତୀ'ର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କ ଗାଁ ବିଲୁଙ୍ଗକୁ 'ରଙ୍ଗବତୀ ବିଲୁଙ୍ଗ'ରେ ନାମିତ କରି ଏହି ପ୍ରସିଦ୍ଧ ସଙ୍ଗୀତ, ଗୀତିକାର ଏବଂ ଲୋକଙ୍କ ଭାବାବେଗକୁ ସମ୍ମାନ ଦେଇଛନ୍ତି। ରଙ୍ଗବତୀ ଗୀତ ସହ ଜଡିତ ତିନି କଳାକାରଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ପୁନର୍ବାର ଶୁଭେଚ୍ଛା ଜଣାଉଛି । ଏହି ତିନି ଜଣ ବ୍ୟକ୍ତିବିଶେଷଙ୍କ ପାଇଁ ଓଡ଼ିଆ ଜାତି ଆଜି ଗର୍ବିତ । ପ୍ରଧାନମନ୍ତ୍ରୀ ସର୍ବଦା ଓଡ଼ିଶାର ସଂସ୍କୃତି, କଳା ଓ ସାହିତ୍ୟର ମାନ ବଢାଇଛନ୍ତି ସେ ମତବ୍ୟକ୍ତ କରିଛନ୍ତି ।

# ୫୦ ବର୍ଷରେ ବାଣପୁର ଏନ୍‌ଏସି : ନାହିଁ ଡ୍ରେନ୍ ବ୍ୟବସ୍ଥା, ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ

ବାଣପୁର , ୨୭/୦୧ (ନି.ପ୍ର): ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୯୭୩ ମସିହାରେ ଗଠିତ ହୋଇଥିଲା। ଚଳିତବର୍ଷ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ୫୦ ବର୍ଷରେ ପଦାର୍ପଣ କରିଛି। କିନ୍ତୁ ବାଣପୁର ସହରର ଛୋଟବଡ଼ ମୌଳିକ ସମସ୍ୟା ଏବେବି ଦୂର ହୋଇନି। ବିଶେଷକରି ବର୍ଜ୍ୟବସ୍ତୁ ପରିଚାଳନାରେ ପରିଷଦ ସମ୍ପୂର୍ଣ୍ଣ ବିଫଳ ହୋଇଛି। ୧୫ଟି ୱାର୍ଡ ଏବଂ ୨୪ ହଜାର ନାଗରିକଙ୍କୁ ନେଇ ଗଠିତ ଏହି ବିଜ୍ଞାପିତ ଅଞ୍ଚଳର ବାସିନ୍ଦା ଅତ୍ୟାବଶ୍ୟକ ଡ୍ରେନ୍ ସେବାରୁ ବଞ୍ଚିତ ହୋଇଆସୁଛନ୍ତି। ବାଣପୁରକୁ ସବ୍ ଡିଭିଜନ୍‌ର ମାନ୍ୟତା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ବେଳେ ଆଜି ପର୍ଯ୍ୟନ୍ତ ଏଠାକାର କୌଣସି ୱାର୍ଡରେ ଡ୍ରେନ୍ ନିର୍ମାଣ ହୋଇନାହିଁ। ଫଳରେ ବର୍ଷାଜଳ ସହ ସ୍ଥାନୀୟ ବାସିନ୍ଦାଙ୍କ ଘରୁ ବାହାରୁଥିବା ଦୂଷିତ ତଥା ଅପରିଷ୍କାର ଜଳ ନିଷ୍କାସନ ହୋଇପାରୁନି। ଏପରିକି ସାମାନ୍ୟ ବର୍ଷାରେ ପରିଷଦର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ବର୍ଜ୍ୟ ପାଣି ଦାଣ୍ଡରେ ରହି ଦୂଷିତ ପରିବେଶ ସୃଷ୍ଟି କରୁଛି। ବାଣପୁରର ଆରାଧ୍ୟା ମା' ଭଗବତୀଙ୍କ ଦର୍ଶନ ପାଇଁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟ ଏହି ଦୂଷିତ ପାଣିରେ ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ଥାନାଠାରୁ ଜେଲ୍‌ରାସ୍ତା ଏବଂ ତଳସାହି ଦେଇ ଯାଇଥିବା ରାସ୍ତା ଉପରେ ଅନେକ ଲୋକଙ୍କ ପାଇଖାନା ଟାଙ୍କି ନିର୍ମାଣ ହୋଇଥିବାରୁ ସେଠାରେ ଓଭର ଫ୍ଲୋ ହୋଇ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବର୍ଷାଦିନେ ୧୩ ନମ୍ବର ୱାର୍ଡର ଅଧିକାଂଶ ଅଞ୍ଚଳରେ ପାଣି ଜମି ରହୁଛି। ଏଠାରେ ଜଳଯୋଗାଣ ବ୍ୟବସ୍ଥା ମଧ କାମ କରୁନି। ଘର ଭିତରକୁ ପାଣି ପାଇପ୍ ଦିଆଯାଇ ନଥିବାରୁ ୯୯ ପ୍ରତିଶତ ଲୋକଙ୍କ ଦାଣ୍ଡରେ ଲାଗିଥିବା ଟ୍ୟାପ୍‌ରୁ ଅହରହ ପାଣି ଝରୁଛି। ଫଳରେ ରାସ୍ତାଘାଟରେ ୨୪ ଘଣ୍ଟା ପାଣି ବୋହୁଛି। ବିଭାଗୀୟ କାର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ।

# ଗରିବଙ୍କୁ ମିଳୁନି, ଧନୀଙ୍କୁ ଆବାସ: ପ୍ରଧାନମନ୍ତ୍ରୀ ଆବାସ ଏବେ ଗାଈ ଗୁହାଳ

ଦଶରଥପୁର , ୨୭/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ନେଇ ପ୍ରତି ପଞ୍ଚାୟତରେ ପ୍ରତିବାଦ ହେଉଛି। ଏହାରି ଭିତରେ ପଦାକୁ ଆସିଛି ଏକ ରୋଚକ ଘଟଣା। ଗରିବ ଲୋକଙ୍କ ପାଇଁ ଆବାସ ସାତସପନ ହୋଇଥିବା ବେଳେ ଜଣେ ଦୁଇ ମହଲା କୋଠାର ମାଲିକଙ୍କୁ ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର। ସଂପୃକ୍ତ ବ୍ୟକ୍ତିଜଣକ ଏହି ଆବାସକୁ ଗାଈ ଗୁହାଳ କରିଛନ୍ତି। ଆବାସ ?ହିତାଧିକାରୀଙ୍କ ଯୋଗ୍ୟତାକୁ ନେଇ ବାଦ ବିବାଦ ହେଉଥିବା ବେଳେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ର ଏହି ହିତାଧିକାରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମର ସେକ ଜମାଲଙ୍କୁ କୋଡ ନମ୍ବର (ଓଆର୩୨୪୮୮୧୦) ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ପ୍ରଦାନ କରାଯାଇଛି । ମଂଜୁର ସଂଖ୍ୟା ଓଆର୨୦୦୦୬/୩/୪୧୨୨ରେ ୨୦୧୯ ନଭେମ୍ବର ୧୫ ନଭେମ୍ବରରେ ୨୦ ହଜାର ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଥିବା ବେଳେ ୨୦୨୦ ଫେବ୍ରୁଆରି ୧୫ରେ ୩୫ ହଜାର,୨୦୨୦ ନଭେମ୍ବର ୨୦ରେ ୪୫ ହଜାର ପ୍ରଦାନ କରାଯାଇଛି। ସେକ ଜମାଲଙ୍କର ୨ ମହଲା କୋଠା ରହିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସଟି କୋଠାଘରକୁ ଲାଗି ନିର୍ମାଣ କରାଯାଇଛି । ଯାହାକୁ ଗୁହାଳ ରୂପେ ବ୍ୟବହାର କରାଯାଉଛି। ଅପରପକ୍ଷରେ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମର ଦୁଃଖୀରାମ ସିଂ ଜଣେ ଅତି ଗରିବ ଶ୍ରେଣୀର ଲୋକ ହୋଇଥିବାବେଳେ ତାଙ୍କୁ ଆବାସ ଖଣ୍ଡେ ମିଳିପାରି ନାହିଁ । ପୂର୍ବରୁ ଏସ୍‌ଇସିସି ତାଲିକାରେ ନାମ ରହିଥିଲା। ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯାଇଥିବା ତାଲିକାରେ ମଧ ତାଙ୍କ ନାମ ନାହିଁ । ସେହିପରି ବିନ୍ଧାନନ୍ଦିପୁର ଗ୍ରାମର ସୁରେନ୍ଦ୍ର ଜେନା ଜଣେ ଦିନ ମଜୁରିଆ। ବର୍ତ୍ତମାନର ତାଲିକାରେ ମଧ ତାଙ୍କ ନାମ ନାହିଁ। ସେ ପାଲଟାଣି ରହୁଛନ୍ତି।

# ଅବହେଳିତ ଜୟପୁରର ସ୍ୱିଲଓ୍ୱେ କଲୋନି: ଦୁର୍ବିସହ ଜୀବନ ବିତାଉଛନ୍ତି ଲୋକେ



ଜୟପୁର , ୨୭/୦୧ (ନି.ପ୍ର): ଦୀପ ତଳ ଅନ୍ଧାର ଭଳି ଜୟପୁର ଉପକଣ୍ଠରେ ରହୁଥିବା ଲୋକେ ଆଜି ବି ଅବହେଳିତ ଅବସ୍ଥାରେ ରହିଛନ୍ତି। ସହରର ଅତି ନିକଟର ରହି ମଧ ବିଭିନ୍ନ ସମସ୍ୟା ଭିତରେ ରହୁଛନ୍ତି। ଅଦ୍ୟାବଧି ଭଲ ରାସ୍ତା ନିର୍ମାଣ ହୋଇନଥିବାରୁ ମାଟି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବର୍ଷାଦିନେ ରାସ୍ତା କାଦୁଅମୟ ହେଉଥିବାରୁ ବହୁ ଅସୁବିଧା ହେବାକୁ ପଡୁଛି। ଏହି କଲୋନି ଖାଲୁଆ ସ୍ଥାନରେ ରହିଥିବା ବେଳେ ବର୍ଷା ହେଲେ ଘର ଭିତରକୁ ପାଣି ପଶି ଯାଉଛି। ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଗାର୍ଡୱାଲ ମଧ କରାଯାଇନି। ଏଭଳି ଦୁର୍ବିଷହ ଜୀବନ ବିତାଉଛନ୍ତି ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତର ସ୍ୱିଲଓ୍ୱେ କଲୋନି ବାସିନ୍ଦା।

ଜୟପୁର ୟେଲୋ ବ୍ରିଜ୍ ନିକଟରେ ରହିଥିବା ସ୍ୱିଲଓ୍ୱେ କଲୋନି ବାରିଣୀପୁଟ ପଞ୍ଚାୟତ ଅଧୀନରେ ରହିଛି। କଲୋନିକୁ ଦେଖିଲେ ଲାଗୁଛି ବ୍ଲକ ପ୍ରଶାସନ ଏହି ଅଞ୍ଚଳକୁ ସଂପୂର୍ଣ୍ଣ ରୂପେ ଭୁଲି ଯାଇଛି। କଲୋନିରେ ପ୍ରାୟ ୬୦ଟି ଘର ରହିଥିବା ବେଳେ ୩ ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ଏହି ଅଞ୍ଚଳରେ କାମ ମିଳୁ ନଥିବାରୁ ଲୋକମାନେ ଜୟପୁର ସହରକୁ କାମ କରିବା ପାଇଁ ଯାଉଛନ୍ତି। କଲୋନି ବାସିନ୍ଦାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳିପାରୁନଥିବା ବେଳେ ସମସ୍ତେ ଟିଣରେ ଘର ତିଆରି କରି ରହୁଛନ୍ତି। କିଛି ଘରର ଚାରି କାନ୍ଥ ଟିଣ ହୋଇଥିବା ବେଳେ ଉପର ଛାତ ମଧ ଟିଣ ରହିଛି। ଏପରିକି କିଛି ଲୋକ ଚାଳ ଘରେ ରହୁଛନ୍ତି। ଆବାସ ଯୋଜନା ପାଇଁ ଅପେକ୍ଷା କରି ବସିଥିବା ବେଳେ ଛାତ ଘର ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ଗାଁରେ ଥିବା ୪ଟି ନଳକୂପ ମଧ୍ୟରୁ ୩ଟିରୁ ଲୌହଗନ୍ଧଯୁକ୍ତ ପାଣି ବାହାରୁଥିବାରୁ ଏହି ପାଣି ପିଇ ପାରୁନାହାନ୍ତି। କେବଳ ଗୋଟିଏ ନଳକୂପ ଓ ପାଣି ଟାଙ୍କି ଉପରେ ନିର୍ଭର କରୁଛନ୍ତି କଲୋନି ବାସିନ୍ଦା। କଲୋନିକୁ ଯିବା ପାଇଁ ପଥୁରିଆ ମାଟି ରାସ୍ତା ରହିଛି। ପକ୍କା ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି କଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ସରପଞ୍ଚଙ୍କ ଠାରୁ ଆରମ୍ଭ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ପାଦ ଗାଁରେ ପଡୁନି। ମନରେଗା ଯୋଜନାରେ ବିଭିନ୍ନ ଗାଁରେ ଉନ୍ନତି କରାଯାଉଥିଲେ ହେଁ ସ୍ୱିଲଓ୍ୱେ କଲୋନୀର ଉନ୍ନତି ହୋଇପାରୁନି। ଭଲ ରାସ୍ତା ନିର୍ମାଣ ହେଲେ ଲୋକେ ସୁବିଧାରେ ଯାତାୟାତ କରିବେ ଏବଂ ଶ୍ରମ ଦିବସ ସୃଷ୍ଟି କରି ପାରିବେ ବୋଲି ଜନପ୍ରତିନିଧିଙ୍କୁ ଜଣାଉଥିଲେ ମଧ ଏହା କାର୍ଯ୍ୟକାରୀ ହୋଇପାରୁନି। ସେହିପରି ବର୍ଷା ଦିନେ ନିକଟସ୍ଥ ପାହାଡ଼ର ପାଣି ଗାଁ ଭିତରକୁ ପଶି ଆସୁଥିବା ବେଳେ ତାହାକୁ ରୋକିବା ପାଇଁ ଗାର୍ଡୱାଲ ମଧ ନିର୍ମାଣ ହୋଇନି। ତେଣୁ ଗାଁରେ ରାସ୍ତା, ଡ୍ରେନ୍, ଗାର୍ଡୱାଲ ଓ କଲଭର୍ଟ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମର ସୁନାଦେଇ ଖେମୁଣ୍ଡୁଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ୧୫ ବର୍ଷରୁ ଅଧିକ ଦିନ ବିତିଲାଣି। ପୁଅ ବାହାରେ ରହୁଥିବା ବେଳେ ଘରେ ଏକୁଟିଆ ରହୁଛି। କୁଲି କରି କିଛି ଟଙ୍କା ଆଣୁଛି ସେଥିରେ ଟିଣ ଘରେ କଷ୍ଟମଷ୍ଟେ ଜୀବନ କାଟି ଦେଉଛି। କିନ୍ତୁ ପ୍ରଶାସନ ପକ୍ଷରୁ ବିଧଭା ଭତ୍ତା ମିଳିପାରୁନି। ଜଗଦୀଶ ପଣ୍ଡାଙ୍କ କହିବା ଅନୁଯାୟୀ, ବୟସ ୬୨ ବର୍ଷ ହେଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିପାରୁନି। ପରିବାରରେ ୮ ଜଣ ରହୁଥିବା ବେଳେ ଚଳିବା କଷ୍ଟକର ହେଉଛି। ସରକାରଙ୍କ ପକ୍ଷରୁ ଭତ୍ତା ପ୍ରଦାନ ପାଇଁ ସେ ନିବେଦନ କରିଛନ୍ତି। ହରିଶ୍ଚନ୍ଦ୍ର ଖରାଙ୍କ କହିବା ଅନୁଯାୟୀ, କଲୋନିକୁ ରାସ୍ତା ନଥିବାରୁ ଯାତାୟାତ ସମୟରେ ଅସୁବିଧା ହେଉଥିବାରୁ କଲୋନି ବାସିନ୍ଦା ମିଶି ମାଟି ପକାଇଛୁ। କିନ୍ତୁ ଏହା କେତେ ଦିନ ଯିବ। ପକ୍କା ରାସ୍ତା ନିର୍ମାଣ ନିମନ୍ତେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

# ଗ୍ରାମରେ ହଠାତ୍ ଲାଗୁଛି ନିଆଁ: ଆତଙ୍କିତ ଗ୍ରାମବାସୀ

ସାକ୍ଷୀଗୋପାଳ , ୨୭/୦୧ (ନି.ପ୍ର): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଲଗୁମ ନିକଟରେ ଥିବା ବାରବା ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡକୁ ନେଇ ଗ୍ରାମବାସୀ ତଟସ୍ଥ। ଗତ ନଭେମ୍ବର ୨୦ ତାରିଖଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମରେ ବାରମ୍ବାର ଆକସ୍ମିକ ଅଗ୍ନିକାଣ୍ଡ ଘଟଣା ଗ୍ରାମବାସୀଙ୍କୁ ଭୟଭୀତ କରିଦେଇଛି। କେତେବେଳେ ଯେ କାହାଘରେ ନିଆଁ ଲାଗିବ ସେ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସମସ୍ତେ ନିଜ ନିଜ ଘର ଜଗି ରହିଛନ୍ତି। ଘରେ ଚୁଲି ଜଳୁନି। ମାତ୍ର ଅଗ୍ନିକାଣ୍ଡ ଘଟୁଅଛି। ଏହାକୁ ନେଇ ଗୁଜବ ବି ଜୋର ଧରିଛି। କିଏ କହୁଛି ଦେବକୁଟ ତ କିଏ କହୁଛି ଗୁଣିଗାରେଡି ଯୋଗୁ ଏପରି ହେଉଛି। ଗ୍ରାମରେ ଛବି ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ସୁକାନ୍ତ ପ୍ରଧାନ, ସୁଦର୍ଶନ ପ୍ରଧାନ, ହାରିବନ୍ଧୁ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଅନ୍ତର୍ଯାମୀ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିରସନ ପ୍ରଧାନ ଓ ମଧୁସୂଦନ ପ୍ରଧାନ ପ୍ରମୁଖ ୧୧ଟିପରିବାର ରହୁଛନ୍ତି। ହେଲେ ଗାଁରେ ଆକସ୍ମିକ ଅଗ୍ନିକାଣ୍ଡ ଲୋକଙ୍କ ନିଦ ହଜାଇ ଦେଇଛି। ନିଆଁ ଲାଗିବାର ସମୟ ହେଉଛି ସନ୍ଧ୍ୟା। ହଠାତ୍ ଜଣକ ଘର ଭିତରୁ ନିଆଁ ବାହାରୁଛି। ନିଆଁ ଲିଭାଇବାକୁ ପାଣି ଧରି ଗଲା ବେଳକୁ ମନକୁ ମନ ନିଆଁ ଲିଭି ଯାଉଛି । ପୁଣି ଲାଗୁଛି ଅନ୍ୟ ଜଣକ ଘରେ। ସନ୍ଧ୍ୟା ହେଲେ ଗ୍ରାମରେ କୋକୁଆଭୟ, ପିଲାଠୁ ବୁଢ଼ା ସମସ୍ତେ ଜଗି ରହୁଛନ୍ତି ନିଜ ଘରକୁ କାଳେ ଘରେ ନିଆଁ ଲାଗିଯିବ। ଏପରିକି ଗାଁ'ରେ ଜଗି ରହୁଛନ୍ତି ଅଗ୍ନିଶମ ବିଭାଗର କର୍ମଚାରୀ । ହେଲେ କେହି ବି ଏହି ଅଗ୍ନିକାଣ୍ଡ ଘଟଣାକୁ ବୁଝି ପାରୁନାହାନ୍ତି ।ଗୁଣି ସନ୍ଦେହରେ ଗ୍ରାମକୁ ଗୁଣିଆ ଡକରା ହେଉଛନ୍ତି । ତନ୍ତ୍ରମନ୍ତ୍ର ଦ୍ୱାରା ସମସ୍ୟା ସମାଧାନ ନିମନ୍ତେ ଉଦ୍ୟମ ହେଉଛି । ସୂଚନା ଯୋଗ୍ୟ ଯେ , ଏହି ଗ୍ରାମ ନିକଟସ୍ଥ ସିଂହାକୁଦା ଗ୍ରାମରେ ପ୍ରାୟ ୨୦ ବର୍ଷ ତଳେ ଏହିପରି ଆକସ୍ମିକ ଅଗ୍ନିକାଣ୍ଡ ଘଟଣା ଘଟିଥିଲା ।

# ମରଣଯନ୍ତା ପାଲଟିଛି ଝିଞ୍ଜିରିଗୁଡ଼ା-କାଟିଙ୍ଗିଆ ପ୍ରଧାନମନ୍ତ୍ରୀ ସଡ଼କ

ଦାରିଙ୍ଗବାଡ଼ି , ୨୭/୦୧ (ନି.ପ୍ର): ଝିଞ୍ଜିରିଗୁଡ଼ା-କାଟିଙ୍ଗିଆ ପ୍ରଧାନମନ୍ତ୍ରୀ ସଡ଼କ ଏବେ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଗ୍ରାମବାସୀଙ୍କ ଯାତାୟାତ ନିମନ୍ତେ ମରଣଯନ୍ତା ପାଲଟିଛି। ଚାରିଚକିଆ ଯାନ କୌଣସି ମତେ ରାସ୍ତାରେ ଯାତାୟାତ କରୁଥିବା ବେଳେ ବାଇକ୍ ଓ ଅଟୋ ଯାତାୟାତରେ ବାଧା ଉପୁଜିଛି। ମୁଖ୍ୟତଃ ଗ୍ରାମାଞ୍ଚଳର ଜନସାଧାରଣ ରୋଗବ୍ୟାଧି ହେଲେ କିମ୍ବା ଜରୁରୀ ପରିସ୍ଥିତିରେ ପ୍ରାୟତଃ ଅଟୋ ଉପରେ ନିର୍ଭର କରୁଥିବା ବେଳେ ଏହି ରାସ୍ତାରେ ଯିବା ସେମାନଙ୍କ ପାଇଁ କାଠିକର ହୋଇପଡ଼ିଛି। ଅଞ୍ଚଳବାସୀଙ୍କ କହିବା କଥା ରୋଗୀ, ବୃଦ୍ଧବୃଦ୍ଧା ଓ ଗର୍ଭବତୀ ଚିକିତ୍ସା ପାଇଁ ଅଟୋରେ ବ୍ରାହ୍ମଣୀଗାଁ ଡାକ୍ତରଖାନାକୁ ଆସୁଥିବା ବେଳେ ରାସ୍ତା ଖରାପ ଯୋଗୁଁ ଛେଚି କଚାଡ଼ି ହୋଇ ଯାଉଛନ୍ତି। ପଞ୍ଚାୟତବାସୀଙ୍କ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ବାଲିଗୁଡ଼ା ନିର୍ବାହୀଯନ୍ତ୍ରୀ ଓ ଜନପ୍ରତିନିଧିଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଝିଞ୍ଜିରିଗୁଡ଼ା ପୂର୍ତ୍ତବିଭାଗ ରାସ୍ତା ଠାରୁ କାଟିଙ୍ଗିଆ ରାସ୍ତାର ଦୂରତା ୧୨.୬୬ କିମି.। ଏହି ରାସ୍ତା ଉପରେ ଝିଞ୍ଜିରିଗୁଡ଼ା, କୁମ୍ଭାରିଗାଁ ଓ କାଟିଙ୍ଗିଆ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଗ୍ରାମବାସୀ ବହୁ ଅଭିଯୋଗ ପରେ ୨୦୨୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ କାମ ଆରମ୍ଭ କରାଯାଇଥିଲା। ହେଲେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପାଇଥିବା ଠିକାଦାର ପ୍ରାୟ ୫ କିମି. ରାସ୍ତା ପିଚୁ କାମ କରି ଛାଡ଼ି ଦେଇଛନ୍ତି। ବଳକା ୭ କିମି. ରାସ୍ତାର ପିଚୁ ଓ ଗୋଡ଼ି ଉଠିଯାଇ ଖାଲଖମା ହୋଇରହିଛି। ଖବର ନେବାରୁ ଜଣାପଡ଼ିଛି ଯେ, ବ୍ରାହ୍ମଣୀଗାଁରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସେକ୍ସନ ଅଫିସ୍ ରହିଥିବା ବେଳେ ୨୦୧୪ରୁ ଏଠାରେ କନିଷ୍ଠଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଦାରିଙ୍ଗବାଡ଼ି ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ବ୍ରାହ୍ମଣୀଗାଁ ସେକ୍ସନ କାର୍ଯ୍ୟାଳୟର ଦୂରତା ପ୍ରାୟ ୪୦ କିମି.। ଏଠାରେ ଜଣେ ମାତ୍ର କନିଷ୍ଠଯନ୍ତ୍ରୀ ନିଯୁକ୍ତି ପାଇ ଉଭୟ ଦାରିଙ୍ଗବାଡ଼ି ଓ ବ୍ରାହ୍ମଣୀଗାଁ ସେକ୍ସନ ଦାୟିତ୍ୱରେ ରହିଛନ୍ତି। ଫଳରେ ଉପାନ୍ତ ଅଞ୍ଚଳର ରାସ୍ତା ତଦାରଖ କରି ପାରୁନଥିବା ଜଣାପଡ଼ିଛି। ତେଣୁ ଅତି ଶୀଘ୍ର ବ୍ରାହ୍ମଣୀଗାଁ ସେକ୍ସନରେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ସହ ଝିଞ୍ଜିରିଗୁଡ଼ା-କାଟିଙ୍ଗିଆ ରାସ୍ତାର ବାକି ରହିଥିବା ୭ କି.ମି ରାସ୍ତାକୁ ପକ୍କା କରିବାକୁ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ: ପ୍ରକଳ୍ପ ଗୋଟିଏ କିନ୍ତୁ କାମ ହୋଇଛି ଦୁଇଟି

ନୂଆଗାଁ , ୨୭/୦୧ (ନି.ପ୍ର): ନୂଆଗାଁ ବ୍ଲକ୍ ସିକ୍ରୀଡା ପଞ୍ଚାୟତ ଗୌଡଚାଞ୍ଚରାପଲ୍ଲୀ ଗ୍ରାମରେ ବର୍ଷ ବର୍ଷଧରି ଲାଗିରହିଥିବା ପାନୀୟ ଜଳ ସମସ୍ୟା ବର୍ତ୍ତମାନ ଦୂର ହେଉଥିବା ବେଳେ ଏଠାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପକୁ ନେଇ ଆଶ୍ଚର୍ଯ୍ୟକର ଘଟଣା ଦେଖିବାକୁ ମିଳିଛି। ଗ୍ରାମରେ ବିଧାୟକ ପାଣ୍ଠିରୁ ସୋଲାର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଅନୁଦାନ ଆସିଥିବା ବେଳେ ଗୋଟିଏ ପ୍ରକଳ୍ପ ପାଇଁ ଦୁଇ ଜଣ ଠିକାଦାର ଭିନ୍ନ ଭିନ୍ନ ସ୍ଥାନରେ ଦୁଇଟି ପ୍ରକଳ୍ପ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ହେଲେ ଏଥିରୁ ଗୋଟିଏ ପ୍ରକଳ୍ପ ବିଭାଗୀୟ ଯନ୍ତ୍ରୀଙ୍କ ଜାଣତରେ ହୋଇଥିବା ବେଳେ ଆଉ ଗୋଟିଏ ସେମାନଙ୍କ ଅଜାଣତରେ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସିକ୍ରୀଡା ପଞ୍ଚାୟତର ଗୌଡଚାଞ୍ଚରାପଲ୍ଲୀ ଗ୍ରାମରେ ପାନୀୟ ଜଳ ଯୋଗାଣକୁ ନେଇ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ଗ୍ରାମରେ ୩ ଟି ନଳକୂପ ରହିଛି କିନ୍ତୁ ଖରାଦିନେ ସଠିକ୍ ଭାବେ ପାଣି ମିଳିପାରେ ନାହିଁ। ଫଳରେ ଖରାଦିନେ ୩ ମାସ ଧରି ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ପଡ଼ିଥାଏ। ତେବେ ଏହି ଗ୍ରାମରେ ପାନୀୟ ଜଳ ଯୋଗାଣ ନିମନ୍ତେ ୭ ବର୍ଷ ପୂର୍ବରୁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟରେ ଲାଗିପାରୁନଥିଲା। ନିର୍ବାଚନ ପରେ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଏକ ବୋରୱେଲ ଖୋଳାଯାଇ ପାନୀୟ ଜଳ ଯୋଗାଇ ଦିଆଗଲା। ଏଥି ସହିତ ଏହି ଗ୍ରାମରେ ସୋଲାର ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ମଧ ଅନୁଦାନ ଆସିଥିଲା। ଏହା ଜାଣିପାରି ଜଣେ ଠିକାଦାର ୩ ମାସ ତଳେ ଗ୍ରାମ ମଝିରେ ଏକ ସୋଲାର ପ୍ରକଳ୍ପ କାର୍ଯ୍ୟ କରିଦେଇ ଚାଲିଗଲେ। ଏହାର ମାସକ ପରେ ଆଉ ଜଣେ ଠିକାଦାର ଏହି କାର୍ଯ୍ୟକୁ କରିବା ପାଇଁ ସିକ୍ରୀଡା ସରପଞ୍ଚଙ୍କୁ ଭେଟି କାର୍ଯ୍ୟର ନିର୍ଦ୍ଦେଶନାମା ଦେଖାଇଥିଲେ। କିନ୍ତୁ କାର୍ଯ୍ୟ ହୋଇସାରିଥିବା ନେଇ ସରପଞ୍ଚ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପ୍ରକଳ୍ପର କାମ ହୋଇନଥିବା ସେ କହିଥିଲେ। ଯଦି କେହି ଏହି କାର୍ଯ୍ୟ କରିଛନ୍ତି ତାହା ବିଭାଗୀୟ ଅଧିକାରୀଙ୍କ ଅଜାଣତରେ କାର୍ଯ୍ୟ ହୋଇଥିବା ସେ କହିଥଲେ। ଏହା ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁଣି ଥରେ ଏହି ପ୍ରକଳ୍ପର କାର୍ଯ୍ୟ ହୋଇଥିଲା। ତେବେ ପ୍ରକଳ୍ପ ନିମନ୍ତେ ଧାର୍ଯ୍ୟ ହୋଇଥିବା ଅଟକଳ ମୂଲ୍ୟ ଏବଂ କେଉଁ କେଉଁ କାର୍ଯ୍ୟ ହେବ ସେ ବିଷୟରେ କିଭଳି ଜଣେ ଠିକାଦାର ଜାଣି ପାରିଲେ ଓ ବିଭାଗୀୟ ଅଧିକାରୀଙ୍କ ଅଜାଣତରେ କାର୍ଯ୍ୟ କରିପାରିଲେ ସେନେଇ ପ୍ରଶ୍ନ ଉଠୁଛି। ଏ ନେଇ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏ ବିଷୟରେ ପୂର୍ବରୁ ସେ ଜାଣିଛନ୍ତି। ପ୍ରଥମେ କାର୍ଯ୍ୟ ହୋଇଥିବା ପ୍ରକଳ୍ପ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନଥିବା ବେଳେ ଦ୍ୱିତୀୟ କାର୍ଯ୍ୟ ତାଙ୍କ ଜାଣତରେ ହୋଇଥିବା ସେ କହିଛନ୍ତି। ଯେଉଁ ଠିକାଦାର ନିଜ ମନଇଚ୍ଛା କାର୍ଯ୍ୟ କରିଛନ୍ତି ତାଙ୍କୁ କୌଣସି ଅନୁଦାନ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

# ଅଫିସରେ ବ୍ୟସ୍ତ ଥିଲେ ଜଳିବ ଡେସ୍କ ଲାଇଟ୍



ଫିଟଜଙ୍କ ଅନୁସାରେ ଏହି ଡେସ୍କ ଲାଇଟ ଅପଣଙ୍କ ସ୍କାଇପ୍ ଷ୍ଟାଟସ ପରି। ଆପଣ ବ୍ୟସ୍ତ ଅଛନ୍ତି ବା କଥାବାର୍ତ୍ତା

ଅଫିସରେ କାମ କରିବା ସମୟରେ ସହକର୍ମୀମାନେ ଅଯଥା ଗପ କରି ଆପଣଙ୍କୁ ସମସ୍ୟାରେ ପକାଉଛନ୍ତି କି ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ବାହାର କରିଛନ୍ତି। ସେମାନେ ଏଭଳି ଏକ ଡେସ୍କଲାଇଟ ତିଆରି କରିଛନ୍ତି ଯାହାକି ଆପଣ ବ୍ୟସ୍ତ ଥିଲେ ଆପେ ଆପେ ଲାଲ ହୋଇଯିବ। ବ୍ୟସ୍ତତା କମ ଥିଲେ ଏହା ସବୁଜ ରଙ୍ଗ ଧାରଣ କରିବ। ଜୁରିକ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଥୋମାସ କରିବା ପାଇଁ ଆପଣଙ୍କ ନିକଟରେ ସମୟ ଅଛି ଏହି ଲାଇଟ୍ ଦେଖି ଅପଣଙ୍କ ସହକର୍ମୀମାନେ ତାହା ଜାଣିପାରିବେ। କି-ବୋର୍ଡ୍ ଏବଂ ମାଉସର ଗତିବିଧି ଆଧାରରେ ଏହି ଲାଇଟ ଲାଲ ବା ସୁବଜ ରଙ୍ଗ ବିଛୁରିତ କରିଥାଏ। ପ୍ରାୟ ୪୫୦ଜଣ କର୍ମଚାରୀଙ୍କ ଉପରେ ଏହାକୁ ପରୀକ୍ଷା କରାଯାଇଥିବା ବେଳେ ଭବିଷ୍ୟତରେ ଏହାକୁ ବିଭିନ୍ନ ଅଫିସରେ ବ୍ୟବହାର କରାଯିବ ବୋଲି ଫ୍ରିଟଜ ଆଶା ପ୍ରକାଶ କରିଛନ୍ତି।

# ବିସ୍ଫୋରକ ଠାବକାରୀ ମୂଷା



ଆତଙ୍କବାଦୀ ଓ ଅପରାଧୀଙ୍କ କବଳରୁ ବିମାନ ବନ୍ଦରଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ଏକ ଇସ୍ରାଏଲି ସଂସ୍ଥା ଏକ ଅଭିନବ ପ୍ରକଳ୍ପ ହାତକୁ ନେଇଛି। ଉକ୍ତ ସଂସ୍ଥା ପକ୍ଷରୁ ଗୁଡ଼ିଏ ସାଧାରଣ ମୂଷାଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଉଛି। ମୂଷାଙ୍କର ଘ୍ରାଣ ଶକ୍ତି, କୁକୁରଙ୍କ ଠାରୁ ଅଧିକ। ସେମାନେ ସହଜରେ ବିସ୍ଫୋରକ, ଗୋଳା ବାରୁଦ ଓ ଅବୈଧ ନିଶା ଦ୍ରବ୍ୟ ଆଘ୍ରାଣ ଦ୍ୱାରା ଠାବକରି ସଙ୍କେତ ଦେଦବାକୁ ସମର୍ଥ। ଉକ୍ତ ସଂସ୍ଥାର ଯୋନା ଅନୁଯାୟୀ ବିମାନ-ଯାତ୍ରୀଙ୍କୁ ଏକ ଅପ୍ରଶସ୍ତ ପଥରେ ବିମାନ ବନ୍ଦର ଭିତରକୁ ଛଡ଼ାଯିବ। ପଥର ଦୁଇ କଡ଼ରେ ତାଲିମପ୍ରାପ୍ତ ମୂଷାମାନେ ଆତଯାତ ହେଉଥିବେ। ମୋନେ ଏପରିକି ଅତି କମ ପରିମାଣରେ ବିସ୍ଫୋରକ, ନିଶା ଦ୍ରବ୍ୟ ଆଦିକୁ ବେଶ୍ ସହଜରେ ବାରିପାରିବେ ବୋଲି ତାଲିମଦାତାମାନେ ଆଶାବାଦୀ। ଇସ୍ରାଏଲର ବ୍ୟସ୍ତ ବିମାନ ବନ୍ଦର ଗୁଡ଼ିକରେ ଆସନ୍ତା ବର୍ଷ ଠାରୁ ମୂଷାଙ୍କ ଦ୍ୱାରା ତନଖି କାର୍ଯ୍ୟ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ହାର୍ଣ୍ଣିଆରୁ ମୁକ୍ତି ଦେବ ହଳାସନ



ସର୍ବାଙ୍ଗାସନ ପରି ଚିତ୍ ହୋଇ ଶୋଇ ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ୱାଇ ରଖନ୍ତୁ। ହାତ ପାପୁଲି ନିମ୍ନକୁ ରଖନ୍ତୁ। ଦୁଇ ପାଦକୁ ଯୋଡ଼ି ଉପରକୁ ଉଠାନ୍ତୁ। ଭୂମି ସହିତ ୨୦ ଡିଗ୍ରୀ କୋଣ କରି କିଛି ସମୟ ରହିବା ପରେ ପୁଣି ଉପରକୁ ଉଠାନ୍ତୁ। ୬୦ ଡିଗ୍ରୀ କରି କିଛି ସମୟ ରହିବା ପରେ ୨୦ଡିଗ୍ରୀ ବଢ଼ାଇ ୯୦ ଡିଗ୍ରୀ କରି ରଖନ୍ତୁ। ଯେଉଁମାନଙ୍କର ପିଠିରେ ବେଶୀ ଯନ୍ତ୍ରଣା ହେବ ସେମାନେ ପ୍ରଥମେ ଅର୍ଦ୍ଧ ହଳାସନ ଅଭ୍ୟାସ କରି ପରେ ପୂର୍ଣ୍ଣ ରୂପେ କରନ୍ତୁ। ଦୁଇପାଦ ମୁଣ୍ଡରେ ପଛକୁ ନେଇ ଭୂମିରେ ଲଗାନ୍ତୁ। ଜଙ୍ଘ ଓ ଲଲାଟ ମଧ୍ୟରେ ଚାରି ଆଙ୍ଗୁଳି ତଫାତ୍ ରହିବା ଉଚିତ୍। ଯେପରି ଦୁଇ ହାତ ପଛକୁ ଆଗକୁ ଲମ୍ୱ ହୋଇ ଭୂମିରେ ରହିବା ସହ ହାତ ଉପରେ ଆଦୌ ଚାପ ପଡ଼ିବା ଉଚିତ ନୁହେଁ। କେତେକ ଦୁଇ ହାତରେ ଅଂଟାକୁ ଠେଲି ରଖନ୍ତି ତ ଆଉ କେତେକ ମୁଣ୍ଡ ପଛକୁ ନେଇ ପାଦ ଆଙ୍ଗୁଳିକୁ ଛୁଇଁଥାନ୍ତି। ପ୍ରଥମ ଦିନ ଥରେ କରି ତା'ପରଠାରୁ ୩/୪ ଥର ଅଭ୍ୟାସ କଲେ ଭଲ ଲାଭ ମିଳିଥାଏ। ୧୨ବର୍ଷ ବୟସ ନହେଲେ ଏ ଆସନ କରିବା ଉଚିତ୍ ନୁହେଁ। ଏହାକୁ କଲାବେଳେ ସବୁବେଳେ ଶରୀର ଢିଲା ରହିବା ଦରକାର। ଏହି ଆସନକୁ କରିବା ଫଳରେ କାନ୍ଧ ଶକ୍ତ ହୋଇଥାଏ, ମେଦହ୍ରାସ ହୁଏ, ହାର୍ଣ୍ଣିଆରୁ ମୁକ୍ତି ମିଳେ, ମାନସିକ ଶାନ୍ତି ମିଳେ, ମାସିକ ଧର୍ମ ନିୟମିତ ହୁଏ ଓ ଗର୍ଭାଶୟ ବିକୃତି ଦୂର ହେବା ସହ ସନ୍ଧ୍ୟା ଦୋଷ ମଧ୍ୟ ଦୂର ହୋଇଥାଏ।

# ଘୁଙ୍ଗୁଡ଼ିରୁ ମୁକ୍ତି ଦେବ ସ୍ମାର୍ଟ ତକିଆ

ନିଦରେ ଘୁଙ୍ଗୁଡ଼ି ମାରିବା ଅନେକଙ୍କ ଅଭ୍ୟାସ। ଏହା ଦ୍ୱାରା ନିଜର କ୍ଷତି ହେବା ସହ ପାଖ ଲୋକ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି ସମସ୍ୟାରୁ ମୁକ୍ତି ଦେବ ସ୍ମାର୍ଟ ତକିଆ। ଲଣ୍ଡନର ବୈଜ୍ଞାନିକମାନେ ଏହି ତକିଆ ତିଆରି କରିଛନ୍ତି। ତକିଆରେ ଏକ ମାଇକ୍ରୋଫୋନ୍ ଖଞ୍ଜା ହୋଇଛି, ବ୍ୟକ୍ତି ଘୁଙ୍ଗୁଡ଼ି ମାରିବା ମାତ୍ରେ ଏହା କମ୍ପନ କରେ। ଫଳରେ ତକିଆ ୩ ଇଂଚ ପର୍ଯ୍ୟନ୍ତ କମିଯାଏ। ତକିଆ କମିଯିବା ପରେ ଶୋଇବାରେ ଅସୁବିଧା ହୁଏ। ଏଣୁ ବ୍ୟକ୍ତି ଉଠିପଡେ ନଚେତ୍ ଘୁଙ୍ଗୁଡ଼ି ବନ୍ଦ କରିଦିଏ। ଘୁଙ୍ଗୁଡ଼ି ଚାଲୁ ରହିଲେ ତା'ର ଶବ୍ଦ ହ୍ରାସ କରିବାରେ ମଧ୍ୟ ଏହି ସ୍ମାର୍ଟଫୋନ୍ ସକ୍ଷମ।

# ଉଡ଼ନ୍ତା ଜାହାଜ

ଇଟାଲିର ୮୩ ବର୍ଷୀୟ ଲୁଇଗି ପ୍ରିନାଙ୍କର ଏବେ ବି ଶିଶୁ ସୁଲଭ ମନୋଭାବ ଯାଇନାହିଁ। ଏହି ବୟସରେ ମଧ୍ୟ ଖେଳଣା ପ୍ରତି ତାଙ୍କର ଆଗ୍ରହ ରହିଛି। ତେବେ ସେ ବେଶି ଭଲ ପାଆନ୍ତି ଜାହାଜ ଖେଳଣାକୁ। ଆଉ ତାଙ୍କ ଷ୍ଟୁଡିଓକୁ ଗଲେ ଛାତରୁ ନାଇଲନ୍ ସୂତାରେ ବନ୍ଧା ହୋଇ ଝୁଲନ୍ତା ଅବସ୍ଥାରେ ଥିବା ବିଭିନ୍ନ ଆକାର, ପ୍ରକାରର ଡେଣା ଥିବା ଛୋଟ ଜାହାଜ ଦେଖିବାକୁ ମିଳେ। ଏଇ ଖେଳଣା ସବୁକୁ ସେ ନିଜେ ତିଆରି କରିଛନ୍ତି। ଆଉ ଏଥିମଧ୍ୟରୁ ଅଧିକାଂଶ ଜାହାଜ ଉଡି ଥାଏମଧ୍ୟ। ଲୁଇଗି ପେସାରେ ଜଣେ ଆର୍କିଟେକ୍ଟ। ତାଙ୍କର ପିଲାଦିନରୁ ହିଁ ଜାହାଜ



ପ୍ରତି ଥିଲା ଅହେତୁକ ଭଲ ପାଇବା। ତେଣୁ ସେ ଛୋଟବେଳୁ ଜାହାଜର ମଡେଲ ତିଆରି କରିବା ଆରମ୍ଭ କରିଥିଲେ। ୧୬ ବର୍ଷ ବୟସରେ ସେ ନ୍ୟାଶନାଲ୍ କ୍ରାଫ୍ଟସ୍ ମଡେଲିଂ ପ୍ରତିଯୋଗିତା ବି ଜିତିଥିଲେ। ତେବେ ତାଙ୍କୁ ଯେତେବେଳେ ୫୦ ବର୍ଷ ବୟସ ହୋଇଥିଲା ସେ ଉଡନ୍ତା ଜାହାଜ ତିଆରି କରିବାକୁ ମନ ବଳାଇଥିଲେ। ଆଉ ଏକ ଉଡନ୍ତା ଜାହାଜ ତିଆରି ବି କଲେ। ତା'ପରେ ସେ ଅନେକ ଖେଳଣା ଉଡନ୍ତା ଜାହାଜ ତିଆରି କରିଛନ୍ତି। ସେ ତାଙ୍କ ଛାତକୁ ନୀଳ ଆକାଶରେ ବାଦଲର ଚିତ୍ର ସଦୃଶ ପେଣ୍ଟ କରିଛନ୍ତି। ଫଳରେ ଏହି ଜାହାଜ ଗୁଡିକ ଯେତେବେଳେ ଉଡ଼େ ଲାଗେ ସତେ ଯେମିତି ତାହା ବାଦଲ ଭିତରେ ଉଡୁଛି। ୟା' ମଧ୍ୟରେ ୨୦ ବର୍ଷ ବିତି ଗଲାଣି। ଆଉ ସେ ୨୦୦ଟି ଉଡନ୍ତା ଜାହାଜ ଖେଳଣା ତିଆରି କରିସାରିଲେଣି। ଏହି ଜାହାଜ ଗୁଡିକ ଦେଖିବାକୁ ଖୁବ୍ ସୁନ୍ଦର, ଖୁବ୍ ହାଲୁକା (୨୦-୫୦) ଗ୍ରାମ୍ ଓ ଆକାରରେ ଏରୋଡୋମିକ୍। ଜାହାଜ ଗୁଡିକୁ ସେ ପତଳା କାଗଜ ଓ ବାଲ୍ସା କାଗଜରେ ଡିଜାଇନ୍ କରିଥାଆନ୍ତି। ଏଥିରେ ଇଞ୍ଜିନର ପାୱାର ବ୍ୟବହାର କରାଯାଇ ନାହିଁ। କେବଳ ଏକ ଇଲାଷ୍ଟିକ୍ ବ୍ୟାଣ୍ଡ ସାହାଯ୍ୟରେ ଜାହାଜ ଉଡିଥାଏ।

# ଅଶ୍ଳୀଳ ଫଟୋକୁ ଚିହ୍ନିବ ଆପ୍




ପିଲାମାନେ ଏବେ ହୋଇଯାଅ ହୁସିଆର, ଯଦି ତୁମେମାନେ ଆଣ୍ଡ୍ରାଏଡ୍ ଫୋନ ବ୍ୟବହାର କରୁଛ। ଏଣିକି ପିଲାଙ୍କ ଫୋନକୁ ଯଦି କୌଣସି ଫଟୋ କିମ୍ୱା ଭିଡ଼ିଓ ଆସେ, ତେବେ ପିତା-ମାତାଙ୍କ ପାଖକୁ ତୁରନ୍ତ ନୋଟିଫିକେସନ ଆସିଯିବ। ଆଜିକାଲିର ପିଲାମାନେ ସ୍କୁଲରେ ପାଠ ପଢ଼ିବା ସମୟରୁ ହିଁ ମୋବାଇଲ୍ ଧରିବା ପାଇଁ ଜିଦ୍ ଧରି ବସୁଛନ୍ତି। ମୋବାଇଲ ସାହାଯ୍ୟରେ ଅନେକ ପର୍ଣ୍ଣ ଭିଡ଼ିଓ କିମ୍ୱା ଫଟୋକୁ ଡାଉନଲୋଡ଼ କରି ଦେଖୁଛନ୍ତି।। ଅନେକ ସମୟରେ ସେମାନଙ୍କ ଅଜାଣତରେ ମଧ୍ୟ ଏମିତି କିଛି ଅଶ୍ଳୀଳ ଭିଡ଼ିଓ ଫୋନକୁ ଆସିଥାଏ। ଯାହାକୁ ଦେଖିବା ଫଳରେ ପିଲାମାନେ ବିଗିଡ଼ିବାକୁ ଲାଗିଥାନ୍ତି ଏବଂ ଏହା ସେମାନଙ୍କ ପାଠପଢ଼ାରେ ମଧ୍ୟ ବାଧା ସୃଷ୍ଟି କରିଥାଏ। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ନିକଟରେ ଏଭଳି ଏକ ଆପ୍‌ଲୋଡ୍ ହୋଇଛି। ଗ୍ୟାଲେରି ଗାର୍ଡ଼ିଅନ ନାମକ ଏହି ଆପ୍‌ଟି ଅଭିଭାବକମାନେ ଫୋନରେ ଇନଷ୍ଟଲ କରି ପିଲାଙ୍କୁ ନିୟନ୍ତ୍ରଣରେ ରଖିପାରିବେ। ଯଦି ପିଲାଙ୍କ ଫୋନକୁ କୌଣସି ଅଶ୍ଳୀଳ ଫଟୋ ଆସେ ଏବଂ ଏହାକୁ ଦେଖିବା ପାଇଁ ସେ କ୍ଲିକ କରେ ତେବେ ଅଭିଭାବକଙ୍କ ପାଖକୁ ଏକ ନୋଟିଫିକେସନ ଆସିଯିବ। ଯଦି ଆପଣଙ୍କ ପିଲା ପାଖକୁ କିଛି ଫଟୋ ଆସେ ତେବେ ପ୍ରଥମେ ଏହି ଆପ ଏହାକୁ ଚିହ୍ନିବାକୁ ଚେଷ୍ଟା କରିବ। ତାପରେ ଫଟୋରେ ସ୍କିନକୁ ଦେଖିବ। ଯଦି ଫଟୋରେ ଅଧିକ ତ୍ୱଚା ଦେଖାଯାଉଛି, ତେବେ ତାକୁ ତର୍ଜମା କରିବାକୁ ଚେଷ୍ଟା କରିବ। ଏହି ପ୍ରଣାଳୀ ଭିତରେ ଆପ୍ ଜାଣି ପାରିବ ସେ ଫଟୋଟି ଅଶ୍ଳୀଳ କି ନାହିଁ। ତେବେ ଅଧିକ କପଡ଼ା ପିନ୍ଧିଥିବା ବ୍ୟକ୍ତିର ଫଟୋକୁ ଏହି ଆପ୍ ଧରିପାରିବ ନାହିଁ।

# ଗିଟାର୍ ଦାମ୍ ୫ କୋଟି

ଗୋଟିଏ ଗୀଟାର୍‌ର ମୂଲ୍ୟ କୋଟି କୋଟି ଟଙ୍କାର ସଂପତ୍ତି ସହ ସମାନ ହୋଇପାରେ। ଆମେରିକାର ପ୍ରସିଦ୍ଧ ଗାୟକ ବବ୍ ଡାନ୍ସ ବ୍ୟବହାର କରୁଥିବା ଏକ ଗିଟାର୍‌କୁ ନିକଟରେ ୫ କୋଟି ୯୦ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ଏହା ହେଉଛି ବବ୍ ବ୍ୟବହାର କରିଥିବା ପ୍ରଥମ ଇଲେକ୍ଟ୍ରିକ୍ ଗିଟାର୍। ୧୯୬୫ ମସିହାରେ 'ନ୍ୟୁପୋର୍ଟ୍ ଫୋକ୍ ଫେଷ୍ଟିଭାଲ୍‌ରେ' ବବ୍ ପ୍ରଥମ ଥର ପାଇଁ ଏହି ଇଲେକ୍ଟ୍ରିକ୍ ଗିଟାର୍ ବଜାଇ ଗୀତ ପରିବେଷଣ କରିଥିଲେ। ଏହାକୁ ବିକ୍ରି କରିବା ପାଇଁ ବ୍ରିଟେନ୍ କ୍ରିଷ୍ଟି ନିଲାମ କେନ୍ଦ୍ରରେ ରଖାଯାଇଥିଲା। ଏବେ ଜଣେ ଅଜଣା ବ୍ୟକ୍ତି ଏହି ଗିଟାର୍‌କୁ ୫ କୋଟି ୯୦ ଲକ୍ଷ ଟଙ୍କାରେ କିଣିଛନ୍ତି। ଚଳିତ ବର୍ଷ ନିଲାମ ହୋଇଥିବା ଗିଟାର୍ ମଧ୍ୟରେ ବବ୍‌ଙ୍କ ଏହି ବାଦ୍ୟଯନ୍ତ୍ର ସବୁଠୁ ଅଧିକ ଦରରେ ବିକ୍ରି ହୋଇ ନୂଆ ରେକର୍ଡ୍ ସୃଷ୍ଟି କରିଛି।



# ପୃଥିବୀର ସ୍ୱର୍ଗ



ବରଫାବୃ ସ୍ଥାନର ଏଇ ମନୋରମ ଦୃଶ୍ୟ ହୃଦୟକୁ ଶୀତଳତାରେ ଭରିଦିଏ। ଧଳା ଚାଦର ଦୁନିଆରେ ବରଫରୁ ଉଠୁଥିବା ଧୂଆଁକୁ ଦେଖିଲେ ସ୍ଥାନଟି ଆପଣଙ୍କୁ ପୃଥିବୀର ସ୍ୱର୍ଗ ଭଳି ମନେ ହେବ।

ଏଇ ଚିତ୍ର ବ୍ରିଟେନ୍‌ର ନାଏଗ୍ରା ଜଳପ୍ରପାତର, ଯେଉଁଠି ପୃଥିବୀର ସବୁଠୁ ବଡ଼ ଝରଣା ଏବେ ବରଫ ଚାଦର ଓଢ଼ି ବୋହୂ ସାଜିଛି। ବର୍ଷ ତମାମ୍ କଳକଳ ନାଦ କରୁଥିବା ଏଇ ଝରଣା ଥଣ୍ଡାରେ ଏକଦମ୍ ଜମିଯାଏ। ତା'ର ବରଫବେଶ ଦେଖିବା ପାଇଁ ଲକ୍ଷାଧିକ ପ୍ରକୃତିପ୍ରେମୀ ଏଠାରେ ଭିଡ଼ ଜମାଉଛନ୍ତି। କିଛିଦିନ ପାଇଁ ଈଶ୍ୱର ଏଇ ଅନନ୍ୟ ସ୍ଥାନକୁ ସ୍ୱର୍ଗରେ ପରିଣତ କରିଛନ୍ତି। ପୃଥିବୀର ତାପମାତ୍ରା ଯେତିକି ହ୍ରାସପାଏ, ସେହି ଅନୁସାରେ ସ୍ଥାନର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଯାଏ। ଏ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟରେ ପକାଇବା ସହ ଆନନ୍ଦ ମଧ୍ୟ ଦିଏ।

# ଜିରାପାଣି ବେଶ୍ ଉପକାରୀ



ଜିରାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି, ଏ ଏବଂ ଆଇରନ୍ ଭରପୂର ରହିଛି। ଏହା ବିଭିନ୍ନ ସଂକ୍ରମଣ ଜନିତ ରୋଗ ଦୂର କରିଥାଏ। ଏହାଦ୍ୱାରା ଚର୍ମ ଓ କେଶ ସୁସ୍ଥ ରହିଥାଏ।

ଦୈନିକ ଗୋଟେ ଗ୍ଲାସ୍ ପାଣିନେଇ ସେଥିରେ କିଛି ଜିରା ପକାନ୍ତୁ। ଏହାକୁ ରାତିସାରା ଭିଜାଇ ରଖନ୍ତୁ। ସକାଳେ ଏହି ପାଣି ପାନ କରନ୍ତୁ। ଏହାଦ୍ୱାରା ଶରୀରରୁ କାର୍ବୋହାଇଡ୍ରେଟ୍ ଏବଂ ମୋଟାପା ଦୂର ହୋଇଥାଏ। ଜୀର୍ଣ୍ଣଶକ୍ତିକୁ ବଢ଼ାଇବା ସହ ଡାଇରିଆ, ଚିଡଚିଡା, ଦୁର୍ବଳତା, ଗ୍ୟାସ୍ ଆଦି ରୋଗକୁ ଏହା କମ୍ କରିଥାଏ। ଏହା ଲିଭର ଏବଂ ପାକସ୍ଥଳୀ ପାଇଁ ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ଆଇରନ୍ ଥିବାରୁ ରକ୍ତହୀନତା ଦୂର କରିଥାଏ। ଗର୍ଭବତୀ ମହିଳାଙ୍କ ପାଇଁ ଏହା ବେଶ୍ ଜରୁରୀ।

ଦୈନନ୍ଦିନ ଏହି ପାଣି ଯୁବପିଢ଼ି ସେବନ କଲେ ମସ୍ତିଷ୍କ କ୍ଷମତା ବୃଦ୍ଧି ହେବ। ଏହାସହ ସେମାନେ ନିଜକୁ ଫ୍ରେସ୍ ଅନୁଭବ କରିପାରିବେ।

ଚର୍ମର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏହା ବଢ଼ାଇବାରେ ସାହାଯ୍ୟ କରେ। ଏଥିରେ କ୍ୟାଲସିୟମ୍, କପର, ପୋଟାସିୟମ୍ ଏବଂ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥିବାରୁ ତ୍ୱଚା ପାଇଁ ବେଶ୍ ଲାଭଦାୟୀ।

ପାଣିରେ କିଛି ଜୀରା ପକାଇ ଫୁଟାଇ ସେହି ପାଣିକୁ ରଖନ୍ତୁ। ସେଥିରେ କିଛି ଟୋପା ତଲେ ମିଶାଇ ଦେନିକ ମୁହଁରେ ଲଗାଇଲେ ଟୋନର ଭଳି କାମ କରିବ। ଏହାସହ ଏହାଦ୍ୱାରା ସୁନ୍ଦର ତ୍ୱଚା ପାଇ ପାରିବେ। ମୁହଁରେ ଥିବା ବ୍ରଣ ଦାଗକୁ ମଧ୍ୟ ଏହା ସହଜରେ ଦୂରେଇଥାଏ।

ପୋଡ଼ି ଯାଇଥିବା ସ୍ତାନରେ ମଧ୍ୟ ଏହି ପାଣି ଲଗାଇ ପାରିବେ।

ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଓ ମିନେରାଲ ଥିବାରୁ କେଶ ପାଇଁ ଏହା ବେଶ୍ ଲାଭଦାୟୀ। କେଶ ଝଡୁଥିଲେ ଜୀରା ପାଣିକୁ ନେଇ ମୂଳରେ ଦୈନନ୍ଦିନ ମସାଜ କରନ୍ତୁ। ଦେଖିବେ କେଶମୂଳ ମଜବୁତ୍ ରହିବ। ଏହାସହ ସୁନ୍ଦର କେଶ ପାଇ ପାରିବେ।

# ଥଣ୍ଡା ତେଲ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ

ମୁଣ୍ଡବିନ୍ଧା, ଥକ୍କାପଣ, ଅନିଦ୍ରା ଇତ୍ୟାଦିରୁ ମୁକ୍ତି ଦେଦବା ପାଇଁ ଆଜିକାଲି ବଜାରରେ ବହୁ ପ୍ରକାର ଥଣ୍ଡା ତେଲ ମିଳୁଛି। ସେଗୁଡ଼ିକ ଲଗାଇବା ଦ୍ୱାରା ସାମୟିକ ଭାବେ ଆରାମ ମିଳୁଥିଲେ ମଧ୍ୟ ପ୍ରକୃତରେ ତାହା ସ୍ୱାସ୍ଥ୍ୟ ଉପରେ ଖୁବ୍ ନକାରାତ୍ମକ ପ୍ରଭାବ ପକାଇଥାଏ। ଆୟୁର୍ବେଦିକ ଔଷଧ ନାଁରେ ବିକ୍ରି ହେଉଥିବା ଏହି ତେଲ ଗୁଡ଼ିକରେ କର୍ପୁରକୁ ମାତ୍ରାଧିକ ଭାବେ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଆଖିର ଦୃଷ୍ଟିଶକ୍ତି କମିଯିବା ସହିତ ମସ୍ତିଷ୍କକୁ କ୍ଷତି ପହଂଚିଥାଏ। ବିଏଚୟୁର ଇନଷ୍ଟିଚ୍ୟୁଟ୍ ଅଫ ମେଡ଼ିକାଲ ସାଇନ୍ସ (ଆଇଏମଏସ) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପଠାଯାଇଥିବା ଏକ ରିପୋର୍ଟରେ ଏହି ଦାବି କରାଯାଇଛି। ୫୦୦ ରୋଗୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯିବା ପରେ ଆଇଏମଏସର ନ୍ୟୁରୋଲୋଜି ବିଭାଗର ପ୍ରଫେସର ବିଜୟ ନାଥ ମିଶ୍ର ଏହା ପ୍ରକାଶ କରିଛନ୍ତି। ତାଙ୍କ ଅନୁସାରେ କର୍ପୁର ମିଶ୍ରିତ ଥଣ୍ଡା ତେଲ ଲଗାତର ଲଗାଇବା ଦ୍ୱାରା ବ୍ୟକ୍ତିଙ୍କର ମସ୍ତିଷ୍କର ଶିରା ଦୁର୍ବଳ ବା ଶିଥିଳ ହୋଇଯାଏ। ମସ୍ତିଷ୍କ ଉପରେ ଏହା ସିଧାସଳଖ ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ବ୍ୟକ୍ତିଜଣକ ମାନସିକ ଦୁଶ୍ଚିନ୍ତା, ମୁଣ୍ଡବିନ୍ଧା, ବାନ୍ତିଲାଗିବା, ଉଚ୍ଚ ରକ୍ତଚାପ ଇତ୍ୟାଦି ସମସ୍ୟାରେ ପୀଡ଼ିତ ହୋଇଥାନ୍ତି। ତେଣୁ କେନ୍ଦ୍ର ସରକାରଙ୍କୁ ପଠାଇଥିବା ରିପୋର୍ଟରେ ସେ କର୍ପୁରର ପ୍ରୟୋଗର ମାତ୍ରାକୁ ନିର୍ଦ୍ଧାରିତ କରିବା ଲାଗି ଦାବି କରିଛନ୍ତି।

# ୧୦୯ ବର୍ଷ ପରେ ମିଳିଥିବା ପ୍ରଜାତି



ନିକଟରେ ବୈଜ୍ଞାନିକମାନେ ଏକ ବିରଳ ପ୍ରଜାତିର ପ୍ରଜାପତିକୁ ଠାବ କରିଛନ୍ତି। ଯାହାର ନାମ ରଖାଯାଇଛି ଏସୋଂଟ୍ରିଆଜ୍ ଫ୍ରିଟ୍‌ଲାରୀ। ଏହି ପ୍ରଜାପତି, ମାଉଂଟଷ୍ଟ ହରମୋନର ନିମ୍ନଭାଗରେ ବୁଲୁଥିବା ସମୟରେ ବୈଜ୍ଞାନିକଙ୍କ ନିକଟରେ ଆସିଥାନ୍ତି। ଏହି ବିରଳ ପ୍ରଜାତିର ପ୍ରଜାପତିଙ୍କ ଉପରେ ପ୍ରଜାପତିଙ୍କ ଉପରେ ଋଷର ଜୁଲୋଜିକାଲ (ଭୂତତ୍ୱବିଭାଗ) ଅନୁଷ୍ଠାନର ବିଶେଷଜ୍ଞମାନେ ୨୦୧୨ ମସିହାରୁ ହିଁ ଅଧ୍ୟୟନ ଆରମ୍ଭ କରିଥିଲେ। ତେବେ ଦୀର୍ଘ ୧୦୯ବର୍ଷ ପରେ ଏପରି ପ୍ରଜାତିକୁ ଖୋଜି ପାଇଥିବାରୁ ପ୍ରାଣୀ ବିଶେଷଜ୍ଞ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୀତି ସମସ୍ୟା...

ବିଶ୍ୱ ଅର୍ଥନୀତି ପାଇଁ ଅଚାନକ ସମସ୍ୟା ସୃଷ୍ଟି ହୋଇଛି । ଦୁଇ-ଅଢ଼େଇ ବର୍ଷ ଧରି କରୋନା ଭୂତାଣୁ ସଂକ୍ରମଣଜନିତ ସଂକଟ ତମାମ ବିଶ୍ୱକୁ ଥରହର କଲା । ତାହାର ପ୍ରତିକୂଳ ପ୍ରଭାବ ପଡ଼ିଲା ବିଶ୍ୱ ଅର୍ଥନୀତି ଉପରେ । କି ଧନୀ ଦେଶ, କି ବିକାଶଶୀଳ ଦେଶ, ସବୁ ଊଣା ଅଧିକ ପ୍ରଭାବିତ ହେଲେ । ଯେହେତୁ କୋଭିଡ୍ ଭୂତାଣୁ ନେଇ କାହାରି କିଛି ଧାରଣା ନଥିଲା, ସମସ୍ତେ ବହୁଦିନ ଧରି ଅନ୍ଧାରରେ ଥିଲେ । ଏମିତି କୌଣସି ଦେଶ କି କ୍ଷେତ୍ର ନାହିଁ, ତାହା କରୋନାର କରାଳ ଗ୍ରାସରୁ ମୁକୁଳି ପାରିଛି । ସମୟକ୍ରମେ ବ୍ୟୟବହୁଳ ପ୍ରତିଷେଧକ ଟିକା ବାହାରିଲା ଏବଂ ତାହାର ସାର୍ବଜନୀନ ପ୍ରୟୋଗରୁ ମିଳିପାରିଲା ଅଶେଷ ସୁଫଳ । ଚୀନ୍‌ର ଉହାନ୍ ପ୍ରଦେଶରେ କରୋନାର ଅନ୍ତୁଡ଼ିଶାଳରୁ ସମଗ୍ର ବିଶ୍ୱକୁ ବ୍ୟାପିଥିଲା ଗୋଟାକ ପରେ ଗୋଟାଏ ଲହର । ଚୀନ୍ ନେତୃତ୍ୱ ପ୍ରାରମ୍ଭରୁ ଭୂତାଣୁ ସଂକ୍ରମିଙ୍କ ମୃତ୍ୟୁ ଏଭଳି ବ୍ୟାପକ ହେବ, ତାହା କଳନା କରିନଥିଲେ । ଆମେରିକା, ଆଫ୍ରିକା, ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ ବ୍ରିଟେନ୍ ଠାରୁ ଧନାଢ୍ୟ ଦେଶ ଯେମିତି କିଛି ପନ୍ଥା ନପାଇ କଲବଲ ହେଲେ ସେହିଭଳି ଅବସ୍ଥା ଦେଖାଦେଲା ଭାରତ ସମେତ ବିକାଶଶୀଳ ଦେଶଗୁଡ଼ିକରେ । ଚୀନ୍ ପ୍ରଥମରୁ ଏପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ନେଇ ତଥ୍ୟ ଲୁଚାଇଆସୁଛି, ସେ ସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକପ୍ରକାର ସ୍ଥିରନିଶ୍ଚିତ । ପୂରା ବିଶ୍ୱରେ କରୋନା ମହାମାରୀର ଆତଙ୍କ ଧୀରେ ଧୀରେ ଲୋପ ପାଇଆସୁଥିବା ସମୟରେ ଏବେ ପୁଣି ଚୀନ୍, କୋରିଆ ଓ ଜାପାନ ଭଳି ଦେଶରେ ନୂଆ ଭାରିଆଣ୍ଟ ବାହାରିଲାଣି । ସାମାଜିକ ମିଳାମିଶାରୁ ଦୂରେଇ ରହିବା, ମାସ୍କ ପରିଧାନ ଓ ହାତ ସାନିଟାଇଜ୍ କରିବା ନେଇ ଯେଉଁ କସରତ୍ ପୂର୍ବ ବର୍ଷରେ ହେଉଥିଲା, ହୁଏତ ତାହାର ପୁନରାବୃତ୍ତିର ସମୟ ପହଞ୍ଚିବାକୁ ବେଶୀ ଡେରି ନାହିଁ । ହୋଇପାରେ କୋଭିଡ-୧୯ର ସଂକ୍ରମଣରୁ ଯେଉଁ ତିକ୍ତ କଷାୟ ଅଭିଜ୍ଞତା ଆମେ ପାଇଥିଲେ, ଆସନ୍ନ ସଂକଟ ସେଭଳି ଗମ୍ଭୀର ଅବତାର ନେଇ ଆସିନପାରେ । ମାତ୍ର ଟିକାକରଣ ନେଇ ଏବେ ଯେଉଁ ମାର୍ଗଦର୍ଶିକା ବାହାରିଛି, ପ୍ରିକସନାରି ଡୋଜ୍ ନେବାକୁ ବରିଷ୍ଠ ବ୍ୟକ୍ତିମାନଙ୍କୁ କୁହାଯାଇଛି । ଆମେରିକା ଭଳି ଦେଶରେ ନୂଆ ଭାରିଆଣ୍ଟର ପୁନରାବିର୍ଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଟିକାକରଣକୁ ଦୋହରାଯାଉଛି । କୁହାଗଲାଣି ଯେ, ଟିକାର ପ୍ରଭାବ ସୀମିତ ସମୟ ପାଇଁ ରହୁଛି । ତାହା ଯଦି ସତ୍ୟ ହୋଇଥାଏ, ପୁଣି ବ୍ୟୟବହୁଳ ଟିକାକରଣକୁ ଦେଶମାନେ ବିକଳ୍ପ ରୂପେ ଅବଶ୍ୟ ଗ୍ରହଣ କରିପାରନ୍ତି । କରୋନା ପାଇଁ ବିପର୍ଯ୍ୟସ୍ତ ବଡ଼ ନିର୍ମାଣ ଶିଳ୍ପ, ପ୍ରମୋଦ ଜଗତଠାରୁ ଆରମ୍ଭ କରି ଆଇଟି ସେକ୍ଟର ଅଣ୍ଟା ସଳଖିବା ଆରମ୍ଭ କରିଥିଲେ । କଳାକାର ନିଜ ରାସ୍ତାରୁ ବାହାରି ଆସି କେଉଁ ଅବସ୍ଥାର ସମ୍ମୁଖୀନ ହେଲେ ତାହା ଦେଶ ଦେଖୁଛି । କିନ୍ତୁ ତାହା ଏବେ କ୍ଷଣିକ ସାବ୍ୟସ୍ତ ହେବା ତାହାର ଝଲକ୍ ମାତ୍ର । ନାମୀଦାମୀ ଆଇଟି କମ୍ପାନିମାନେ ବର୍ତ୍ତମାନ କାମ ନାହିଁ କହି ନିଜ କର୍ମଚାରୀମାନଙ୍କୁ ଛଟେଇ ଆରମ୍ଭ କରିଦେଇଛନ୍ତି । ଦଶନ୍ଧିବ୍ୟାପୀ ସେବା ଯୋଗାଇ ଆସୁଥିବା ପ୍ରଫେସନାଲମାନେ ଏବେ କଣ କରିବେ ତାହା ଜାଣି ପାରୁନାହାଁନ୍ତି । ବିଦେଶରେ ସ୍ୱଚ୍ଛଳ ଜୀବନଶୈଳୀରେ ଅଭ୍ୟସ୍ତ ଯୁବକଯୁବତୀମାନଙ୍କ ଉପରେ ଚଡ଼କ ପଡ଼ିଗଲା ପରି ହୋଇଛି । ଆମାଜନ୍, ଗୁଗୁଲ, ମେଟା, ମାଇକ୍ରୋସଫ୍‌ଟ୍, ସେଲ୍‌ସ ଫୋର୍ସ୍, ସ୍ନାପ୍‌ଚାଟ, ଏଚ୍‌ପି, ଟୁଇଟର ଓ ସିଗେଟ୍ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ୬ରୁ ୨୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିସାରିଲେଣି । ଏପରିକି ଟୁଇଟର ଭଳି ସଂସ୍ଥା ଅବସ୍ଥାଚକ୍ରରେ ପଡ଼ି ହଟାଇଦେଲାଣି ୫୦ରୁ ୬୦% କର୍ମଚାରୀଙ୍କୁ । ଏଭଳି ଅଚାନକ ଚଡ଼କର ପାର୍ଶ୍ୱପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଚାକିରି ଯିବା ପରେ କର୍ମଚାରୀମାନଙ୍କର ଭିସା ମିଆଦ ପୂରିଯାଉଛି । ପୁଅ-ଝିଅମାନଙ୍କ ପାଠପଢ଼ା ନସରୁଣୁ ବିଦା ହୋଇଥିବା ଯୁବକ-ଯୁବତୀଙ୍କର ଘରବାହୁଡ଼ା ହେଉଛି ଅନ୍ତିମ ବିକଳ୍ପ । ବିଭିନ୍ନ ବଡ଼ କମ୍ପାନି ଏହି କ୍ରମରେ ଏଯାବତ୍ ଦୁଇରୁ ଅଢ଼େଇ ଲକ୍ଷ ଚାକିରି ନେଲେଣି । ଯେଉଁ ପ୍ରଫେସନାଲମାନେ ସୀମିତ ଅବଧି ପାଇଁ ଚାକିରି ଖୋଜୁଛନ୍ତି, ସେମାନଙ୍କୁ ନିରାଶ ହେବାକୁ ପଡୁଛି । ସ୍କୁଲ କଲେଜରେ ଭର୍ତ୍ତିହେବା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଅଭିଭାବକଙ୍କ ଚିନ୍ତା ବଢ଼ାଇ ଦେଇଛି ଏହି ଛଟେଇ ରାକ୍ଷସ । ସାମଗ୍ରିକ ରୂପରେ ଦେଖାଗଲେ, ବିଶ୍ୱବାସୀ ସମ୍ମୁଖୀନ ହେଉଛନ୍ତି ଚରମ ଦୁର୍ଦ୍ଦଶାର ଦିନ । ବେକାରୀ ବାହିନୀର ଲମ୍ବା ଧାଡ଼ିରେ ଉଚ୍ଚପ୍ରଶିକ୍ଷିତମାନେ ଯୋଡ଼ି ହେଲେଣି । ଦରବୃଦ୍ଧି ସାଙ୍ଗକୁ ବିପର୍ଯ୍ୟସ୍ତ ଅର୍ଥନୀତିର ମୁକାବିଲା ସମସ୍ତଙ୍କ ପାଇଁ ଆହ୍ୱାନ ହେଇ ଛିଡ଼ା ହୋଇଛି । କରୋନା ପରବର୍ତ୍ତୀ ଯୁଗରେ ସବୁ କିଛି ଠିକ୍‌ଠାକ୍ ଚାଲିଛି କହିବାକୁ କାହାର ଦମ୍ ରହୁନାହିଁ ।

## ମାଘସପ୍ତମୀ ମେଳା



ଶରତ କୁମାର ସାହୁ

ଓଡ଼ିଶାର ପ୍ରାଚୀନତା, କୃତି ଓ ମହନୀୟ ସଂସ୍କୃତିକୁ ରସୋତ୍ତୀର୍ଣ୍ଣ ବର୍ଣ୍ଣବିଭାରେ ରଞ୍ଜିତ କରିଥିବା ତଥା ସୂର୍ଯ୍ୟପୂଜାର ଅନବଦ୍ୟ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ମାଘସପ୍ତମୀ ମେଳା ଜନମାସନକୁ ନିବିଡ଼ ଭାବରେ ସ୍ପର୍ଶ କରିଛି । କୋଣାର୍କର ମାଘସପ୍ତମୀମେଳା ର ବୈଶିଷ୍ଟ୍ୟ ସ୍ୱତନ୍ତ୍ର । ସେହିପରି ଶ୍ରୀମନ୍ଦିରର ସୂର୍ଯ୍ୟପୂଜାହିଁ ସକଳ ନୀତିର ପ୍ରଥମ ନିୟାମକ ହୋଇଥିବାରୁ ଏହାର ବଳିଷ୍ଠତା ପ୍ରମାଣ ପାଇଁ ମାଘମେଳାର ଆୟୋଜନ କରାଯାଇ ସୂର୍ଯ୍ୟ ଦର୍ଶନର ବିଧି ରହିଛି । ସ୍ୱାଭାବିକ ଭାବେ ପ୍ରାଣଶକ୍ତିରେ ମାନବୀୟ ବିଦ୍ୟୁତର ପ୍ରଚଣ୍ଡ ପ୍ରଭାବ ପାଇଁ ଶୀତାର୍ତ୍ତ ପରିବେଶ ଭିତରେ ଚନ୍ଦ୍ରଭାଗା ନଦୀରେ ପ୍ରାତଃସ୍ନାନ କରି ସୂର୍ଯ୍ୟଦର୍ଶନ ହେଉଛି ମାଘସପ୍ତମୀ ମାଘମେଳାର ପରମ ସଂଜ୍ଞା । ଜୀବନଜିଜ୍ଞାସା, ନୈତିକ ଚିନ୍ତା ଦ୍ୟୋତନ ସର୍ବୋପରି ଦିବ୍ୟାନୁଭୂତି ସୂର୍ଯ୍ୟପୂଜାର ପରାକାଷ୍ଠାକୁ ନିହିତ କରିଥାଏ । ପୌରାଣିକ କାହାଣୀ ଅନୁଯାୟୀ ପ୍ରାତଃସ୍ନାନ କରି ମାଘ ସପ୍ତମୀ ଦିନ ପିତାଙ୍କ ଦ୍ୱାରା ଅଭିଶପ୍ତ ଶାମ୍ବ କୃଷ୍ଣ ରୋଗରୁ ମୁକ୍ତି ଲାଭ କରିଥିଲେ । ତେବେ ମାଘମେଳାରେ ଅନ୍ୟତମ ଉତ୍କଣ୍ଠା ରହିଥାଏ ଏହିଦିନ ଉତ୍ତରାୟଣ ସୂର୍ଯ୍ୟଙ୍କୁ ଦର୍ଶନ କରି ସୂର୍ଯ୍ୟଙ୍କ କୃପାପ୍ରାପ୍ତି କରିବା । ମାଘସପ୍ତମୀ ଆଧ୍ୟାତ୍ମିକ ଭାବରାଜ୍ୟ ଭିତରେ ନିହିତ ରହିଥାଏ ଯେ ଶରୀର ହେଉଛି ପରମାତ୍ମାଙ୍କ ବିଶ୍ରାମକକ୍ଷ । ସର୍ବୋପରି ହୃଦୟ ଭିତରେ ଭଗବାନ ବିରାଜିତ ରହିଥାନ୍ତି । ପ୍ରତ୍ୟେକ ଦେଶର ପର୍ବପର୍ବାଣୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ ଗତାନୁଗତିକ ଜୀବନରେ ବୈଚିତ୍ର୍ୟ ସୃଷ୍ଟିକରି ତାକୁ ଆନନ୍ଦମୁଖର କରିବା । ଧର୍ମାଚାରଣ ସହିତ ଏକ ଶୃଙ୍ଖଳିତ ଜୀବନଯାପନ ପ୍ରଣାଳୀରେ ନିବିଡ଼ ସଂପର୍କ ରହିଛି । ଧର୍ମୀୟ ଚେତନା ତେଣୁ ଏଠାରେ ଏକ ସନାତନ ମାର୍ଗ, ଯାହା ଅସତ୍‌ରୁ ସତ୍, ଅନ୍ଧକାରରୁ ଆଲୋକକୁ ଏବଂ ମୃତ୍ୟୁର ଅମୃତଲୋକକୁ ପଥର ସନ୍ଧାନ ଦେଇଥାଏ । ସମାଜକୁ କଲ୍ୟାଣପ୍ରଦ ଆଦର୍ଶରେ ଅନୁପ୍ରାଣୀତ ତଥା ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଯେଉଁ ପର୍ବପର୍ବାଣୀ ଗୁଡ଼ିକ ସୃଷ୍ଟି ସେଥିରେ ସତ୍ୟ, ଦୟା, ଦାନ, ପବିତ୍ରତା, ଚରିତ୍ରିକ ଶୁଚିତା, ମାନସିକ ପ୍ରସନ୍ନତା ତଥା ପରିଚ୍ଛନ୍ନତାକୁ ଏହି ବୈଦିକ ମେଳା ମାଧ୍ୟମରେ ନିଜକୁ ପ୍ରତିଭାତ କରିବା । ମାଘସପ୍ତମୀ ମେଳା ଦିନ ପୁରୀ ଶ୍ରୀମନ୍ଦିରେ ମହାପ୍ରଭୁ ଜଗନ୍ନାଥଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ସମସ୍ତ ଶକ୍ତିର କେନ୍ଦ୍ର ସୂର୍ଯ୍ୟଙ୍କୁ ଉପାସନା ମୂଳରେ ବୈଜ୍ଞାନିକ ପୃଷ୍ଠଭୂମି ରହିଛି । କାରଣ ସୂର୍ଯ୍ୟ ହେଉଛନ୍ତି ସୃଷ୍ଟିର ସ୍ଥିତି ଓ ବିଲୟ । ସର୍ବୋପରି ସୂର୍ଯ୍ୟ ସମସ୍ତ ଶକ୍ତିର ଅଧୀନ । ସଂପ୍ରତି ଓଡ଼ିଶାର ବିଭିନ୍ନ ପ୍ରାଚୀନ ନଦୀ କୂଳରେ ମାଘସପ୍ତମୀ ମେଳା ଅବସରରେ ସୂର୍ଯ୍ୟ ଉପାସନା ଓ ସୂର୍ଯ୍ୟ ଦର୍ଶନ ହେଉଥିବା ବେଳେ ଅର୍କ କ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗାର ସ୍ଥାନ ସ୍ୱତନ୍ତ୍ର । ମାଘ ସପ୍ତମୀ ମେଳା ଲୋକଜୀବନର ସାରଲ୍ୟ, ସୌକୁମାର୍ଯ୍ୟ, ସହଜବିଶ୍ୱାସ ଓ ସୃଷ୍ଟିଶୀଳତାର ସ୍ୱାକ୍ଷର ବହନ କରିଥାଏ । ଏହା ଗୃହ ବା ସମାଜର କଲ୍ୟାଣ ଲାଗି ପୁରନ୍ଧ୍ରୀ ମାନଙ୍କର ଏକ ତପସ୍ୟା । ଯାହାକିଛି ଧୈର୍ଯ୍ୟ, ନିଷ୍ଠା, ସହିଷ୍ଣୁତା, ତିତିକ୍ଷା ଓ ମନର ସଂକଳ୍ପ ଯେ ଏଥିରୁ ଲାଭ କରିଥାଏ। ସଂଯତ ଚରିତ୍ର ଗଠନରେ ଏହା ସହାୟକ ହୋଇଥାଏ । ଅନ୍ତଃପୁର ଚାରୀଣୀମାନଙ୍କର ସହଯୋଗ ମନୋବୃତ୍ତି ଓ ନିବିଡ଼ ଐକ୍ୟର ଏହା ସୂକ୍ଷ୍ମ ଯୋଗସୂତ୍ର । ସୌର ଉପାସନା ମୂଳରେ ସୃଷ୍ଟିର ମୁଖ୍ୟ ତଥା ସକଳ ନୀତିର ପ୍ରଥମ ନିୟାମକ ସୂର୍ଯ୍ୟଦେବତାଙ୍କ ପୂଜାର୍ଚ୍ଚନା ହେଉଛି ମାଘମେଳାର ମୁଖ୍ୟ ତାତ୍ପର୍ଯ୍ୟ । ଆମ କଳିଙ୍ଗର ଗୌରବୋଜ୍ଜ୍ୱଳ ଲୁପ୍ତ ପରଂପରାକୁ ମାଘମେଳା ମାଧ୍ୟମରେ ସଞ୍ଜୀବିତ କରାଯାଇଥାଏ । ନିତ୍ୟପ୍ରାତଃ ସ୍ନାନ ପୂର୍ବକ ସୂର୍ଯ୍ୟ ବନ୍ଦନା କରିବା ଆଧ୍ୟାତ୍ମିକ ଅନୁଚିନ୍ତନରେ ଦିବ୍ୟକର୍ମ ଭାବରେ ସମସ୍ତ ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି । ମାଘ ସପ୍ତମୀର ମହନୀୟ ସଂସ୍କୃତି ସମୃଦ୍ଧ ଉତ୍କଳର ପାରଂପରିକ ଜୀବନଚିତ୍ରକୁ ଉଜ୍ଜୀବିତ କରୁ ଏହାହିଁ କାମନା ।


'ଉପକରଣ ହାଉସ',
ଚଣ୍ଡୀଖୋଲ, ଯାଜପୁର,
ମୋ: ୯୪୩୭୦୫୧୫୪୩


### କିମ୍ବଦନ୍ତୀରେ ମାଘ ସପ୍ତମୀ

*ପବିତ୍ର ମାଘ ମାସ ଶୁକ୍ଳପକ୍ଷର ସପ୍ତମୀ ଦିନରେ ଭାରତରେ ପାଳିତ ହୋଇଥାଏ ମାଘ ସପ୍ତମୀ । ଏହି ପବିତ୍ର ଦିବସ ରଥ ସପ୍ତମୀ ନାମରେ ମଧ ପ୍ରସିଦ୍ଧ । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ଏହା ହେଉଛି ସପ୍ତମ ଦିନ । ମାଘ ସପ୍ତମୀରେ ସୂର୍ଯ୍ୟଦେବ ନିଜର ସାତଟି ଘୋଡ଼ା ସହ ଉତ୍ତର ଗୋଲାର୍ଦ୍ଧକୁ ଗତି କରିଥାନ୍ତି । ଏହି ପବିତ୍ର ଦିବସ ସୂର୍ଯ୍ୟଦେବଙ୍କ ଜୟନ୍ତୀ ଭାବେ ମଧ ପାଳନ କରାଯାଇଥାଏ । ଏହି ଦିନ ଋଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଆଦିତିଙ୍କ ଠାରୁ ସୂର୍ଯ୍ୟଦେବ ଜନ୍ମ ନେଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ । ଏକ ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଏକ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର କେହି ସନ୍ତାନସନ୍ତିତ ନଥିଲେ । ଭଗବାନଙ୍କୁ ଆରାଧନା ପରେ ରାଜାଙ୍କର ଏକ ପୁତ୍ର ଜାତ ହେଲା । ମାତ୍ର ସେହି ପୁତ୍ର ସର୍ବଦା ଅସୁସ୍ଥ ରହୁଥିଲା । ସେଥିପାଇଁ ରାଜା ଚିନ୍ତିତ ଥିଲେ । ରାଜାଙ୍କ ପୁତ୍ରଙ୍କୁ ରଥ ସପ୍ତମୀ ପୂଜା କରିବାକୁ ଜଣେ ଋଷି ପରାମର୍ଶ ଦେଲେ । ରାଜପୁତ୍ର ମାଘ ସପ୍ତମୀରେ ପୂଜା କରିବା ପରେ ତାଙ୍କର ସମସ୍ତ ପାପ କ୍ଷୟ ହୋଇଥିଲା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ । ମାଘ ସପ୍ତମୀ ଠାରୁ ନୂତନ କୃଷି ଋତୁ ଆରମ୍ଭ ହୋଇଥାଏ ଭାରତୀୟ କୃଷକମାନେ ସୂର୍ଯ୍ୟଦେବଙ୍କୁ ପୂଜା କରିବା ସହ କୃଷି କାର୍ଯ୍ୟ ଆରମ୍ଭ କରିବା ଲାଗି ତାଙ୍କର ଆଶୀର୍ବାଦ ଲୋଡ଼ିଥାନ୍ତି । ଦେଶର ବିଭିନ୍ନ ସ୍ଥାନରେ ଥିବା ସୂର୍ଯ୍ୟ ମନ୍ଦିରରେ ଏହି ଦିନରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ । କୋଣାର୍କ ସୂର୍ଯ୍ୟମନ୍ଦିର, ଗଞ୍ଜାମ ଜିଲ୍ଲାର ବୁଗୁଡ଼ାସ୍ଥିତ ବିରଞ୍ଚି ନାରାୟଣଙ୍କ ମନ୍ଦିର, ଗୁଜୁରାଟର ମୋଧୋରାସ୍ଥିତ ସୂର୍ଯ୍ୟ ମନ୍ଦିର, ଆନ୍ଧ୍ରପ୍ରଦେଶର ଆରସଭଳୀ, ତାମିଲନାଡୁର ନବଗ୍ରହ ମନ୍ଦିର ଓ ଆସାମରେ ସୂର୍ଯ୍ୟ ମନ୍ଦିରରେ ମାଘ ସପ୍ତମୀ ଉପଲକ୍ଷେ ସୂର୍ଯ୍ୟଦେବଙ୍କ ପୂଜା ଭକ୍ତିଭାବ ସହକାରେ ଅନୁଷ୍ଠିତ ହୋଇଥାଏ ।*

## ଲାଲା ଲାଜପତ୍ ରାଏ



ଡ଼ଃ. ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନ କ୍ରାନ୍ତିକାରୀ ଲାଲା ଲାଜପତ୍ ରାଏ। ଜଣେ ସୁପରିଚିତ ରାଜନେତା। ପଞ୍ଜାବ କେଶରୀ ନାମରେ ସମଗ୍ର ଭାରତବର୍ଷରେ ସେ ପରିଚିତ। ପିଲା ଦିନୁ ହିନ୍ଦୀ ଭାଷା ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା। ଲେଖନୀ ଓ ରାଜନୀତି ମାଧମରେ ଭାରତୀୟ ନୀତିରେ ସଂସ୍କାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ହିନ୍ଦୁ ଧର୍ମର ସେ ଜଣେ ପ୍ରମୁଖ ପ୍ରଚାରକ ପାଲଟି ଯାଇଥିଲେ। କଲେଜ ଅଧ୍ୟୟନ ସମୟରେ ଲାଲା ଭାରତୀୟ ଜାତୀୟ କଂଗ୍ରେସ ଏବଂ ରାଜନୈତିକ ଆନ୍ଦୋଳନରେ ଯୋଗ ଦେଇଥିଲେ। ନ୍ୟାସନାଲ କଲେଜରୁ ସ୍ନାତକ ଡିଗ୍ରୀ ହାସଲ ପରେ କୋଲକତା ସ୍ୱତନ୍ତ୍ର ଅଧିବେଶନରେ ତାଙ୍କୁ କଂଗ୍ରେସର ସଭାପତି ଭାବେ ଚୟନ କରାଗଲା। ତାପରେ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା। ଭାରତ ମାତାକୁ ଜୀବନ ସମର୍ପଣ କରିଥିବା ମହାନ ସଂଗ୍ରାମୀମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେମାନଙ୍କ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଲାଲା ଝାସ ଦେଲେ ମୁକ୍ତି ସଂଗ୍ରାମରେ। ବିଭିନ୍ନ ପ୍ରକାର ରୋଡମ୍ୟାପ୍ ସେ ପ୍ରସ୍ତୁତ କରିଥିଲେ। ଲାଲ୍-ବାଲ୍-ପାଲ୍ ଏ ତିନିଜଣଙ୍କ ମଧରେ ସେ ଥିଲେ ଅନ୍ୟତମ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ଲକ୍ଷ୍ମୀ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହିତ ପ୍ରାରମ୍ଭିକ ସମୟରେ ଲାଲା ଜଡ଼ିତ ଥିଲେ। ସାଇମନ୍ କମିସନ ବିରୋଧରେ ବିଦ୍ରୋହର ମଙ୍ଗ ଧରିଥିଲେ, ଯେଉଁଥିପାଇଁ ପୁଲିସ ବର୍ବରତାର ସେ ଶିକାର ହୋଇଥିଲେ। ପୁଲିସ ଲାଠିମାଡ଼ରେ ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ୧୯୨୮ ନଭେମ୍ବର ୧୭ରେ ହୃଦ୍‌ଘାତ ଯୋଗୁଁ ଲାଲାଙ୍କ ଦେହାନ୍ତ ହେଲା। କେବଳ ରାଜନୀତି ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ପରିଚିତ ତାହା ନୁହେଁ, ଜଣେ ଜଣାଶୁଣା ପଞ୍ଜାବୀ ଲେଖକ ମଧ ଥିଲେ। କେବଳ ପଞ୍ଜାବ କାହିଁକି ପ୍ରତିଟି ଭାରତୀୟଙ୍କ ପାଇଁ ସେ ଚିରସ୍ମରଣୀୟ। ଜାନୁଆରୀ ୨୮ ୧୮୫୬ ମସିହାରେ ପଞ୍ଜାବର ଧୁଦିକେ (ବର୍ତ୍ତମାନର ମେଗାଜିଲ୍ଲା)ରେ ଜନ୍ମ ଗ୍ରହଣ କରିଥିଲେ ଲାଲା ଲାଜପତ୍ ରାଏ ।




ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦


## ମାଘ ସପ୍ତମୀର ଆଧ୍ୟାତ୍ମିକ ଚେତନା



ଉମେଶ ଚନ୍ଦ୍ର ପାତ୍ର

ଉତ୍କଳର ମହାନ ସଂସ୍କୃତି ସର୍ବୋପରି ସାହିତ୍ୟ, ସଂଗୀତ, ସ୍ଥାପତ୍ୟ, ପର୍ବପର୍ବାଣୀ ଓ ଭାସ୍କର୍ଯ୍ୟ ବାସ୍ତବିକ ମହାନ ଭାରତର ପ୍ରାଚୀନତାର ନାନାଦି ବିଶେଷତ୍ୱକୁ ବହନ କରି ଏହା ସମଗ୍ର ଜନମାନସକୁ ନିବିଡ଼ ଭାବରେ ସ୍ପର୍ଶ କରିଛି । ଓଡ଼ିଶାର ବିଶ୍ୱପ୍ରସିଦ୍ଧ ପୁରୀର ରଥଯାତ୍ରା ହେଉ ବା କଟକର ବାଲିଯାତ୍ରା, ଯାଜପୁରର ବାରୁଣୀ ସ୍ନାନ ହେଉ ବା ଯୋରନ୍ଦାର ଯୋରନ୍ଦା ମେଳା, ମାଲକାନାଗିରିର ଚୈତ୍ର ପର୍ବ, ସମ୍ବଲପୁରର ଶୀତଳଷଷ୍ଠୀ, ନୃସିଂହନାଥର ନୃସିଂହ ଚତୁର୍ଥୀ ଯେଉଁପରି ଓଡ଼ିଶୀ ସଂସ୍କୃତିର ଶ୍ରେଷ୍ଠ ପ୍ରମାଣ ସେହିପରି କୋଣାର୍କର ମାଘ ସପ୍ତମୀ ଉପରୋକ୍ତ ଯାତ୍ରା ବା ମହୋତ୍ସବ ପରି ନିଜର ଶ୍ରେଷ୍ଠତ୍ୱର ବୈଶିଷ୍ଟ୍ୟ ବଜାୟ ରଖିଛି । ପ୍ରାଚୀନ ରଚନାବଳୀର ତଥ୍ୟରୁ ଜଣାଯାଏ ଯେ, ସୂର୍ଯ୍ୟ ପୂଜାର ଅନବଦ୍ୟ ଭିତ୍ତିଭୂମି ଉପରେ ଏହି ମାଘ ମେଳା ପର୍ଯ୍ୟବେସିତ । ସକଳ ଶକ୍ତିର କେନ୍ଦ୍ରବିନ୍ଦୁ ହେଉଛନ୍ତି ସୂର୍ଯ୍ୟ ବା ଦିବାକର । ସେ ହେଉଛନ୍ତି ସୃଷ୍ଟିର ସ୍ଥିତି ଓ ବିଲୟ । ଆମେ ସମସ୍ତେ ଜାଣିଛୁ ଯେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ସୂର୍ଯ୍ୟ ପୂଜା ହେଉଛି ସମସ୍ତ ନୀତିର ପ୍ରଥମ ନିୟାମକ । ପୂର୍ବ ସମୟରେ ମାଘ ମେଳା ଦର୍ଶନ ସହ ପବିତ୍ର ସ୍ନାନ ପାଇଁ ଦୂରଦୂରାନ୍ତରୁ ବହୁ ଧର୍ମପିପାସୁମାନେ ପଦବ୍ରଜରେ କୋଣାର୍କ ନିକଟସ୍ଥ ଏହି ସ୍ଥାନରେ ପହଞ୍ଚୁଥିଲେ । ଶୀତ ଋତୁର କୋହଲା ଓ ଥଣ୍ଡାର ସ୍ନାନ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ନଥାଏ ବରଂ ଏକ ଦିବ୍ୟ ଭାବନା ଓ ଦିବ୍ୟ ଜୀବନ ପାଇବା ଉଦ୍ଦେଶ୍ୟରେ ସର୍ବୋପରି ପ୍ରାଣଶକ୍ତିର ମାନବୀୟ ବିଦ୍ୟୁତ୍‌ର ପ୍ରଚଣ୍ଡ ପ୍ରବାହକୁ କ୍ଷଣିକ ମୁହୂର୍ତ୍ତରେ ଅନୁଭବ କରିବା ପାଇଁ ସମସ୍ତେ ସମବେତ ହୋଇଥାନ୍ତି । ତେବେ ଏହାର ଅନ୍ତର୍ନିହିତ ଗୁଢ଼ ତତ୍ତ୍ୱ ହେଉଛି ଆତ୍ମିକ ପ୍ରଗତି ଓ ଉନ୍ନତି ପାଇଁ ଯେଉଁମାନବ ସତ୍ତା ଆବଶ୍ୟକ ଯେଉଁ ଚିନ୍ତା ଓ ଚେତନା ଆବଶ୍ୟକ ହୋଇଥାଏ ତାହା ହିଁ ହେଉଛି ମାଘ ସପ୍ତମୀ ବା ମାଘ ମେଳାର ଗୁଢ଼ ଭିତ୍ତି ।

ଜୀବନ ଜିଜ୍ଞାସା, ଦିବ୍ୟାନୁଭୂତି, ଆଧ୍ୟାତ୍ମିକ ଭାବସ୍ଫୁରଣ, ନୈତିକ ଚିନ୍ତା ଦ୍ୟୋତନ, ଧର୍ମୀୟ ପରିଷ୍କରଣ ମାଘ ମେଳାର ତାତ୍ତ୍ୱିକ ପରିପ୍ରକାଶ ହୋଇନଥିଲେ କେଉଁ କାରଣରୁ ବହୁପଥ ଅତିକ୍ରମି, ଭକ୍ତିପ୍ରାଣ, ସରଳ ବିଶ୍ୱାସୀ, ଆତ୍ମସନ୍ଧାନୀ, ଅମୃତ ଓ ଆଲୋକଦ୍ରଷ୍ଟା। ଓଡ଼ିଆମାନେ କୋଣାର୍କରେ ପବିତ୍ର ସ୍ନାନ କରି ମହାଶକ୍ତି, ଅସୀମ, ଅନନ୍ତ, ତେଜିୟାନ ସୂର୍ଯ୍ୟଙ୍କୁ ନତମସ୍ତକ ହୁଅନ୍ତେ ? ଏହି ପବିତ୍ର ମାଘ ମେଳା ପଛରେ ଭଗବାନ କୃଷ୍ଣଙ୍କ ପୁତ୍ର ଶାମ୍ବଙ୍କ କୁଷ୍ଠରୋଗରୁ ମୁକ୍ତିଲାଭର ପୌରାଣିକ କାହାଣୀ ଯୁଗେ ଯୁଗେ ଜନମାନସରେ ଉଜ୍ଜିବୀତ ରହିଛି । ପୁରାଣର କାହାଣୀରୁ ଜଣାଯାଏ ପିତାଙ୍କ ଦ୍ୱାରା ଅଭିଶପ୍ତ ଶାମ୍ବ ମାଘ ସପ୍ତମୀ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଚନ୍ଦ୍ରଭାଗାରେ ପ୍ରାତଃ ସ୍ନାନ କରି କୁଷ୍ଠରୋଗରୁ ମୁକ୍ତି ପାଇଥିଲେ । ସେହିଦିନ ଉତ୍ତରାୟଣର ସୂର୍ଯ୍ୟଙ୍କୁ ଦର୍ଶନ କରି ମାଘ ବୁଡ଼ର ଶ୍ରଦ୍ଧାଳୁମାନେ ଭଗବାନ ସୂର୍ଯ୍ୟଙ୍କ କୃପା ପ୍ରାପ୍ତି ପାଇଁ ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି । ଅନେକ ଶ୍ରଦ୍ଧାଳୁ କୋଣାର୍କରୁ ମାଘ ସ୍ନାନ କରି ପବିତ୍ର ସ୍ନାନ ପରେ ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପ୍ରାପ୍ତି ହୋଇ ଆନନ୍ଦ ସହକାରେ ମହାପ୍ରସାଦ ସେବନ କରିଥାନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ ସଂସ୍କୃତିର ସମ୍ମିଳନୀ ଘଟିଥାଏ । ଓଡ଼ିଶାର ଗୌରବୋଜ୍ଜ୍ୱଳ ଅତୀତର ସ୍ମୃତି ଲୁପ୍ତୋଭିମୁଖୀ ହୋଇଥିବା ସମୟରେ ମାଘ ମେଳା ସୂଚିତ କରିଥାଏ ପ୍ରାଚୀନ ଉତ୍କଳର ଭକ୍ତି ଉପାସନାର ଶ୍ରେଷ୍ଠତ୍ୱକୁ ।


ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ : ୯୪୩୭୦୫୧୯୫୭





## ଦେଖି ତୋ ଚକା ଆଖି ଆଖି ଯାଏ ଲାଖି

### ଅରୁନ୍ଧତୀ ଲେଙ୍କା

ନାହିଁ କିଛି ଅଭିଯୋଗ
ତୋହରି ପାଖରେ
ଭଲରେ ରଖିଛୁ ଜଗା
ମୋ ପରିବାରେ

ତୋ ଭଜନ ଗାଇ ଗାଇ
ଦିନ ମୋ ବିତୁଛି
ଚକା ଆଖି ଦେଖି ନାଥ
ଆଖି ମୋ ଭିଜୁଛି..

ସଂସାର ସାଗରେ ତୁହି
ଏକାକୀ ନାଉରୀ
ଚାଲି ଥାଉ ପ୍ରତିଦିନ
ତୋହ ନାମ ଧରି
ଅମାପ ଆନନ୍ଦ ମିଳେ
ତୋ ବଡ ଦାଣ୍ଡରେ
ଦୁଃଖୀ ଟିଏ ହସି ଥାଏ
ତୋହରି ଲୀଳାରେ
ଚନ୍ଦନ ଚନ୍ଦନ ବାସେ
ବଡ ଦାଣ୍ଡ ଧୂଳି
ଆହା ତୋ ନରେନ୍ଦ୍ର ଜଳ
ପାପ ଦିଏ ଜାଳି

ଚାହିଁ ଥାଉ ବେନିନେତ୍ରେ
ଏ ସାରା ସଂସାର
ନୟନେ ତୋ ନିଦ୍ରା ନାହିଁ
ହେ କଳା ଠାକୁର

ଥରେ ବୁଲିଗଲେ ପ୍ରଭୁ
ଆନନ୍ଦ ବଜାରେ
ପୁରା ପୁରା ଲାଗେ ପେଟ
ସୁଗନ୍ଧ ବାସ୍ନାରେ

ତୋର ବେତ ମାଡ ଖାଇ
ପାଇ ଥାଉ ମୁକ୍ତି
ଦେଖି ଚକା ଆଖି
ଆଖି ଯାଏ ଲାଖି ।


ଢେଙ୍କାନାଳ


## ମୁଁ ହେବି ତୁମ ଘରଣୀ

### ସୁବାସ ଚନ୍ଦ୍ର ଚୌଧୁରୀ

ତୁମରି ଦୁଆରେ ହାତ ପାତି ଛିଡ଼ା
ମାଗୁଣି ମୋ' କିଛି ନାହିଁ
ଭିକାରୀ ସାଜିଛି ତୁମ ପାଇଁ ପ୍ରଭୁ
ଟିକେ ଦରଶନ ପାଇଁ ।

ଧନଜନ ସବୁ ତୁମ ଉପହାର
ଏ ଦେହ ମନ ସହିତ
ହୃଦୟର ଆଶା ଜୀବନ ଭରସା
ମୋ' ଜୀବ ଜୀବନ ନାଥ ।

ଛନ୍ଦ କପଟରେ ଭୁଲାଉଛ ସାଇଁ
ମାୟା ଜାଲେ ଛନ୍ଦି ଦେଇ
ତୁମରି ନାଟକ ତୁମେ ଭିଆଉଛ
ତା' ପାଇଁ ଶୋଚନା ନାହିଁ ।

ଭିକାରୀ କରିଛ ଭିକାରୁଣୀ ହେଲି
କାଲି ହେବି ରାଜରାଣୀ
ପୁଣି କେବେ ତୁମେ ମୋ' କରତା
ହେବ
ମୁଁ ହେବି ତୁମ ଘରଣୀ ।


ଅବସରପ୍ରାପ୍ତ ଶିକ୍ଷା ଜିଲ୍ଲା ଅଧିକାରୀ
ଚଉମୁଖ, ବାଲିଆପାଳ,
ବାଲେଶ୍ୱର


## ଜୀବନ

### ଧ୍ରୁବ ଚରଣ ଘିବେଲା

ଜୀବନ
ସୁଖର ନା ଦୁଃଖର
ହସର ନା କାନ୍ଦର
ଖୁସିର ନା ଅଖୁସିର
ଫୁଲର ନା କଣ୍ଟାର
ପ୍ରେମର ନା ଘୃଣାର
ବିଜୟର ନା ପରାଜୟର
ସଫଳତାର ନା ବିଫଳତାର
ଉଠାଣିର ନା ଗଡ଼ାଣିର
ଜୁଆରର ନା ଭଟ୍ଟାର ।

ଜୀବନ ପୁଣି
ମାଟିର ନା ଆକାଶର
ପାଣିର ନା ପବନର
ଉତ୍ତାପର ନା ଥଣ୍ଡାର ।

ଅସଲକୁ ଜୀବନ
ଏସବୁର ସାମଗ୍ରିକ ଇସ୍ତାହାର
ଜୀବନ ଗୋଟିଏ ଶବ୍ଦ ମାତ୍ର
ହେଲେ ଅର୍ଥ ଅନେକ
ଜନ୍ମ ଓ ମୃତ୍ୟୁର ସଂଯୋଗକାରୀ
ପଥ/ ସେତୁର ନାଁ ଜୀବନ ।

ପୁଣି ଅନ୍ଧର ହାତୀ ଦର୍ଶନ ଭଳି
ଜୀବନର ଅର୍ଥ
ହୋଇପାରେ ଭିନ୍ନ ଭିନ୍ନ ।


ଡାକ - ବଉଦରାଜ, ଜି. ବୌଦ୍ଧ
ପିନ ୭୬୨୦୧୪
ମୋ:୯୪୩୭୪୭୮୪୬୬


## କଥା କୁହା ତୁମ ଆଖି

### ବିନୟ କୁମାର ସାମଲ

ଆଗୋ ପ୍ରିତିଛନ୍ଦା ତୁମ ପ୍ରେମେ ବନ୍ଧା
ଭୁଲି ମୁ ପାରୁନି କେବେ,
ଶୟନେ ସପନେ ଅବା ଜାଗରଣେ
ମନେ ମୋ ଉତ୍କଣ୍ଠା ଜାଗେ
ଅନୁରାଗେ ଅନୁଭବେ।
ତୁମ କଥା କୁହା ଆଖି ଦେଖି ମୋର
ମନ କ୍ଷଣେ ଯାଏ ଲାଖି,
ନିଶବଦେ ପ୍ରାଣ ହୁଏ ଆଲୋଡ଼ିତ
ନିସଂଗତା ହିଁ ମୋ ସାକ୍ଷୀ,
କହିବି ମୁ କାହା ଆଗେ,
ଅନୁରାଗେ ଅନୁଭବେ।
ତୁମ ଆଖି ଯାଦୁ ସରଜଇ ମଧୁ
ଲାଜୁଆ ଚାହାଣି ପୁଣି,
ମନ ଝରକାର ଫାଙ୍କେ ଲୁଚି ଲୁଚି
ଆସି ମନ ନିଅ କିଣି,
ମନ ପକ୍ଷୀ ଝୁରେ ଯେବେ, ଅନୁରାଗେ
ଅନୁଭବେ।
ଲହୁଣୀ ପିତୁଳା ଅଙ୍ଗଲତା ତୁମ
ଗୋଧୂଳିର ଅସ୍ତରାଗେ,
ମନ ଆଇନାରେ ଝଲସି ଉଠଇ
ସ୍ୱଚ୍ଛ ପ୍ରତିବିମ୍ବ ଯେବେ,
ଅନୁରାଗେ ଅନୁଭବେ।
ଗୋଲାପି ଓଠରୁ ଝରିପଡେ ଆପେ
ମଧୁଝରା ସ୍ମିତ ହସ,
ଅଳପ ପ୍ରେମରେ ମନ ଜିଣି ପାର
ବଢାଇ ମୋ ଅବଶୋଷ
ଭୁଲିଯିବ ନାହିଁ କେବେ
ଅନୁରାଗେ ଅନୁଭବେ।
ତୁମ ଆଖି ଲୁହ ସହି ମୁ ପାରେନା
ମୋଟିଝରା ସେଇ ଲୁହ,
ପାରିବ ତ ଯଦି ଛାତି ଚିରି ଦେଖ
ମୋ ଛାତି ତଳର କୋହ,
ନିକାଞ୍ଚନେ ଆସ ଯେବେ,
ଅନୁରାଗେ ଅନୁଭବେ ।
ରୂପ ରାଇଜର ସପନର ରାଣୀ
ତୁମ ପ୍ରେମ ମିଠା ଲାଗେ
କଥା କୁହା ଆଖି ବୁଝିକି ପାରେନା
ପରଶ ତୁମର ମାଗେ,
ଅନୁରାଗେ ଅନୁଭବେ


ଗ୍ରାମ/ପୋ:ବେଡାପଡା, ଢ଼େଙ୍କାନାଳ
ମୋ:୯୭୭୭୯୨୯୪୩୮


## ତୁମେ କାହିଁକି ନୀରବ

### ଚନ୍ଦ୍ର ମୋହନ ମେହେର

ତୁମେ ଆଜି କାହିଁକି ନୀରବ
ଆଉ ନିଶ୍ଚଳ
ମୋ ଚଳା କାନ୍ଥ ଘଣ୍ଟା ଆଜି
ଅଟକି ଯାଇଛି
ତୁମ ନୀରବତା ଯୋଗୁଁ
ପଣତ କାନିରେ ତୁମକୁ ବାନ୍ଧିରଖିବା
ପାଇଁ ଚାହିଁଛି ଅନେକ ଥର
ହେଲେ ତୁମେ ତ ଧରା ଦେଉନ
ସମୟ ସାଥେ ବାଟ ଫିଟାଇ
ଚାଲିଯାଉଛ
ପୃଥିବୀ ଟା ଆଜି ଅତି ଆପଣାର
ଲାଗୁଥିଲେ ମଧ
ମୁଁ ତାହାକୁ ଅନୁଭବ କରି ପାରୁ ନାହିଁ
କାରଣ ତୁମେ ନୀରବ ତା ଥିବାରୁ
ମାଟି ଆଉ ଆକାଶ ମଧରେ ଥିବା
ଯୋଜନା ଯୋଜନା ଦୂରତା ଆଉ
ନୀରବତା ରହିଛି
ଠିକ୍ ତମ ଆଉ ମୋ ମଧରେ ସେମିତି
ନୀରବତା ହୋଇଯାଇଛି ।


+୩ ଉଦ୍ଭିଦ ବିଜ୍ଞାନ
ଶେଷ ବର୍ଷ ଛାତ୍ର







# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୩)

## ଯୁଦ୍ଧ ଆରମ୍ଭ





କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଯୁଦ୍ଧ ଏଡ଼ାଇବାକୁ ଶ୍ରୀରାମଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ଅହଂକାରୀ ରାବଣ ଶ୍ରୀରାମଙ୍କ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା" । ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

"ପ୍ରଭୁ ଶ୍ରୀରାମ ରାବଣ ସହିତ ଯୁଦ୍ଧ କରିବାକୁ ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ କହିଦେଲେ । ଚାରି ଦିଗରେ ତାଙ୍କର ଦକ୍ଷ ସେନାପତିଙ୍କୁ ଆକ୍ରମଣ କରିବାକୁ ଅନୁମତି ଦେଇଦେଲେ । ନିଜେ ଭ୍ରାତା ଲକ୍ଷ୍ମଣ ଓ ବିଭୀଷଣ ଓ ସୁଗ୍ରୀବଙ୍କ ସହିତ ମଧ୍ୟ ସ୍ଥଳରେ ରହି ଯୁଦ୍ଧର ସଂଚାଳନ କଲେ ।

ଯୁଦ୍ଧ ଆରମ୍ଭ ହୋଇଗଲା । ଗୋଟେ ପଟେ



ରାମ ଭକ୍ତ ବାନର ଓ ଭଲ୍ଲୁକ ସେନା । ସେମାନେ ଜୟ ଶ୍ରୀରାମ କହି ଯୁଦ୍ଧ ଭୂମିକୁ ଡେଇଁ ପଡ଼ିଲେ । ଅନ୍ୟପଟେ ଅତ୍ୟାଚାରୀ ଓ ଅହଂକାରୀ ରାବଣର ଶକ୍ତିଶାଳୀ ଅସୁର ସେନା । ସେମାନେ ରାବଣ ଲାଗି ପ୍ରାଣ ଦେବାକୁ ପ୍ରସ୍ତୁତ ।

ବାନର ସେନା ଓ ରାକ୍ଷସ ସେନାଙ୍କ ମଧ୍ୟରେ ତୁମୂଳ ଯୁଦ୍ଧ ଆରମ୍ଭ ହୋଇଗଲା । କେଉଁଠି ବାନରମାନେ ରାକ୍ଷସ ସେନାକୁ ମାରି ଜୟଯୁକ୍ତ ହେଲେ ତ କେଉଁଠି ବଳଶାଳୀ ରାକ୍ଷସମାନେ ଅନେକ ବାନର ଓ ଭଲ୍ଲୁକଙ୍କୁ ମୃତ୍ୟୁ ମୁଖକୁ ପଠାଇଦେଲେ । ରାବଣର ସେନାପତିମାନେ ଯୁଦ୍ଧରେ ଥିଲେ । ସେମାନେ ତାଙ୍କ ଉପାୟରେ ଯୁଦ୍ଧ କରୁଥିଲେ । ଶ୍ରୀରାମଙ୍କ ତରଫରୁ ବୀର ଲକ୍ଷ୍ମଣ, ହନୁମାନ, ଅଙ୍ଗଦ ଓ ଅନ୍ୟମାନେ ସେମାନଙ୍କ ଉତ୍ତର ଦେଉଥିଲେ ।

ଯୁଦ୍ଧ ବେଶ୍ ଭୟଙ୍କର ଥିଲା । ହଜାର ହଜାର ବାନର ଓ ରାକ୍ଷସ ଧରାଶାୟୀ ହୋଇଥିଲେ । ପ୍ରଥମ ଦିନର ଯୁଦ୍ଧରେ କିଏ ଜିତିଲା କିଏ ହାରିଲା କହିବା ମୁସ୍କିଲ । ଯୁଦ୍ଧ ଦୁଇ ପକ୍ଷର କ୍ଷତି କରେ । ଏଠାରେ ମଧ୍ୟ ତାହା ହୋଇଥିଲା ।

ସୂର୍ଯ୍ୟ ଅସ୍ତାଚଳରେ ପହଂଚିଗଲେ । ଯୁଦ୍ଧ ବିରତି ଲାଗି ଶ୍ରୀରାମ ନିର୍ଦ୍ଦେଶ ଦେଲେ । "ଅନ୍ଧାରରେ ଯୁଦ୍ଧ କରି ଲାଭ ନାହିଁ । ରାତିରେ ବିଶ୍ରାମ ନେଇ ଆସନ୍ତକାଲି ଯୁଦ୍ଧ କରିବା ।" ଶ୍ରୀରାମଙ୍କ ଆଦେଶ ସମସ୍ତେ ପାଳନ କରି ଯୁଦ୍ଧରୁ ନିବୃତ୍ତ ହେଲେ ।

ବିଶ୍ୱାସ କରାଯାଏ, ରାତିର ମଧ୍ୟ ବାନର ସେନା ଓ ଅସୁର ସେନାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଯେଉଁଥିରେ ଅସଂଖ୍ୟ ଅସୁର ସେନା ମୃତାହତ ହୋଇଥିଲେ । ପରବର୍ତ୍ତୀ ଦିନ ଯୁଦ୍ଧରେ ରାବଣର ତେରଜଣ ବଳଶାଳୀ ସେନାପତିଙ୍କୁ ବଧ କରିଥିଲେ ରାମସେନା । ଏ ଖବର ରାବଣ ପାଖରେ ପହଂଚି ଯାଇଥିଲା । ଏ ଖବର ପାଇ ରାବଣ ନିଶ୍ଚିତ ଭାବରେ ଡରି ଯାଇଥିଲା । ମାତ୍ର ସେ ତାର ଅହଂକାର ଛାଡ଼ିବାକୁ ପ୍ରସ୍ତୁତ ନଥିଲା ।

ଶ୍ରୀରାମ ପୁଣିଥରେ ରାବଣକୁ ଯୁଦ୍ଧର ଫଳାଫଳ ସଂପର୍କରେ ଚେତେଇ ଦେବାକୁ ଚାହୁଁଥିଲେ । ସେଥିଲାଗି ସେ ପୁଣିଥରେ ହନୁମାନଙ୍କୁ ତାଙ୍କର ଦୂତ କରି ପଠାଇଥିଲେ ଓ ଶାନ୍ତିର ବାର୍ତ୍ତା ଦେଇଥିଲେ । ଅହଂକାରୀ ରାବଣ ଶ୍ରୀରାମଙ୍କ ଶାନ୍ତିବାର୍ତ୍ତା ଗ୍ରହଣ କରିନଥିଲା । ବରଂ ଶ୍ରୀରାମଙ୍କୁ ଅପମାନିତ କରି ସେ ଏକ ଚିଟାର ପଠାଇଥିଲା ।

ଦୁଃଖରେ ମ୍ରିୟମାଣ ହୋଇ ରାବଣ ତାର ବଳଶାଳୀ ପୁତ୍ର ଇନ୍ଦ୍ରଜିତର ସାହାଯ୍ୟ ନେଇଥିଲା । ସେ ଜାଣିଥିଲା-ଇନ୍ଦ୍ରଜିତ୍ ଏକମାତ୍ର ବୀର ଯିଏ ରାମ ଲକ୍ଷ୍ମଣଙ୍କ ମୁକାବିଲା କରିପାରିବ । ଇନ୍ଦ୍ରଜିତକୁ ମାୟା ଯୁଦ୍ଧ ଜଣା । ରାବଣ ଚାହିଁଲା ଇନ୍ଦ୍ରଜିତ୍ ଶୀଘ୍ର ରାମ ଲକ୍ଷ୍ମଣଙ୍କୁ ମୃତ୍ୟୁମୁଖକୁ ଠେଲୁ ।

ଇନ୍ଦ୍ରଜିତ୍ ରଣକ୍ଷେତ୍ରକୁ ଆସିଲା । ସିଧା ସଳଖ ଯୁଦ୍ଧରେ ସେ ରାମ-ଲକ୍ଷ୍ମଣଙ୍କ ସମକକ୍ଷ ନଥିଲା । ସେଥିଲାଗି ସେ ମାୟା ଯୁଦ୍ଧ ଆରମ୍ଭ କଲା । ଶୂନ୍ୟରେ ଅଦୃଶ୍ୟ ହୋଇ ସେ ଶ୍ରୀରାମ ଓ ତାଙ୍କ ସୈନ୍ୟଙ୍କ ଉପରେ ଶର ବର୍ଷି ଚାଲିଲା । ରାମ ଲକ୍ଷ୍ମଣ ସବୁ ଶରକୁ ପ୍ରତିହତ କଲେ ।

କିଛି ଉପାୟ ନପାଇ ଇନ୍ଦ୍ରଜିତ୍ ନାଗପାଶ ଅସ୍ତ୍ରର ପ୍ରୟୋଗ କଲେ । ବିଶ୍ୱାସ କରାଯାଏ, ପାଂଚଟି ଅସ୍ତ୍ର ଅମୋଘ । ଏପରି ନିଜେ ଶ୍ରୀବିଷ୍ଣୁ ମଧ୍ୟ ବିବଶ । ସେ ଅସ୍ତ୍ରସବୁ ହେଲେ ବ୍ରହ୍ମାସ୍ତ୍ର, ବଜ୍ରଅସ୍ତ୍ର, ପାଶୁପତି ବୈଷ୍ଣବ ଓ ଅନନ୍ତ (ନାଗପାଶ) । ଇନ୍ଦ୍ରଜିତ୍ ନାଗପାଶ ଅସ୍ତ୍ରର ପ୍ରୟୋଗ କରି ରାମ ଓ ଲକ୍ଷ୍ମଣଙ୍କୁ ବାନ୍ଧି ପକାଇଲା । ନାଗପାଶରେ ବଂଧା ହୋଇ ରାମ ଓ ଲକ୍ଷ୍ମଣ ଭୂମି ଉପରେ ଅଚଳ ହୋଇ ପଡ଼ିରହିଲେ ।

ରାମ-ଲକ୍ଷ୍ମଣଙ୍କୁ ନାଗପାଶରେ ବାନ୍ଧି ଇନ୍ଦ୍ରଜିତ୍ ବହୁତ ଖୁସି ହେଲା ଓ ସମର କ୍ଷେତ୍ରରୁ ଫେରିଯାଇ ରାବଣକୁ ଏ ଖବର ଦେଲା ଯେ ସେ ରାମ ଲକ୍ଷ୍ମଣଙ୍କୁ ବଧ କରି ଫେରିଛି । ଏ ଖବର ପାଇ ରାବଣ ବହୁତ ଖୁସି ହେଲା ଓ ଇନ୍ଦ୍ରଜିତକୁ ଆଲିଙ୍ଗନ କରି ତାର ପ୍ରଶଂସା କଲା । ବିଧିର ବିଧାନ ବିଚିତ୍ର । ସେ କଥା ରାବଣ ବୁଝି ପାରିନଥିଲା ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଠେକୁଆ କଇଁଛ ଉପାଖ୍ୟାନ



ସୁଦର୍ଶନ ମହାପାତ୍ର

-'ଜେଜେ ଡୋପ୍ କ'ଣ ?'

ଟିଭିରେ ନ୍ୟୁଜ ଦେଖୁ ଦେଖୁ ଆକାଶ ଅଚାନକ ଏ ପ୍ରଶ୍ନ ପଚାରିଲା ବାପାଙ୍କୁ । ମୁଁ ଯଦିଓ ଅଳ୍ପ ଦୂରରେ ବସି ପେପର ପଢୁଥିଲି, ପୁଅର ଏ ପ୍ରଶ୍ନ ମୋତେ ବି ଶୁଭିଲା । ଭାବିଲି, କେହି ଖେଳାଳି ବୋଧହୁଏ ଡୋପ ଟେଷ୍ଟର ସମ୍ମୁଖୀନ ହୋଇଛନ୍ତି ବୋଲି ନ୍ୟୁଜରେ ପ୍ରସାରିତ ହେଉଥିବ ।

- 'ଆଚ୍ଛା, ଏ ବିଷୟରେ ମୁଁ ତୋତେ ଗୋଟିଏ ଗପ କହି ବୁଝାଇ ଦେବି । ଠେକୁଆ ଆଉ କଇଁଛ କଥା । ଆଗରୁ ଶୁଣିଛୁ ?' ବାପା ଖୁସି ମନରେ ପଚାରିଲେ ଆକାଶକୁ । ମୋତେ ଲାଗୁଥିଲା ଆକାଶ କହିବ 'ହଁ ଜେଜେ ଶୁଣିଛି ।' ମାତ୍ର ମୋତେ ଭୁଲ୍ ପ୍ରମାଣିତ କରି ଗପଟି ଶୁଣିବାକୁ ନିହାତି ଆଗ୍ରହ ପ୍ରକାଶ କଲା ଆକାଶ । ହୁଏତ ସେ ମୋ ଭଳି ଠେକୁଆ କଇଁଛ ଉପାଖ୍ୟାନ ସହିତ ଡୋପ୍‌ର କ'ଣ ସମ୍ପର୍କ ଅଛି ବୋଲି ଜାଣିବାକୁ ଚାହୁଁଥିଲା ।

ଖବର କାଗଜ ଉପରେ ସିନା ମୋର ଆଖି ରହିଲା, କାନ ଦୁଇଟି କିନ୍ତୁ ଗପ ଶୁଣିବାକୁ ଉତ୍କଣ୍ଠିତ ଥିଲେ । ମୁଁ ପିଲାଦିନେ ଜାଣିଥିବା ସେ ଗପରେ ଥିଲା ଅଳସୁଆ ଠେକୁଆ କେମିତି ପ୍ରତିଯୋଗିତାରେ କଇଁଛଠାରୁ ହାରି ଯାଇ ଉଚିତ୍ ଶିକ୍ଷା ପାଇଥିଲା । ହେଲେ ଆଜି ବାପାଙ୍କର ଏ ଗଳ୍ପ ଏବଂ ତା'ର ଉଦ୍ଦେଶ୍ୟ ବୁଝିବାକୁ ମୁଁ ବି ତତ୍ପର ହୋଇ ଉଠିଲି ।

- ବଣର ରାଜା ବାଘକୁ କଇଁଛ ଓ ଠେକୁଆ ଭିତରେ ଦୌଡ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବିଷୟକୁ ଆଗରୁ ଜଣାଇଥିଲେ ଧୂର୍ତ୍ତ ବିଲୁଆ । ଠିକ୍ ସମୟରେ ପ୍ରତିଯୋଗିତା ଆରମ୍ଭ ମଧ ହେଲା । ଆଶାନୁଯାୟୀ ଚଳଚଞ୍ଚଳ ବୁଦ୍ଧିମାନ ଠେକୁଆ ଦୌଡରେ ଆଗୁଆ ରହିଥିଲା । ହେଲେ କିଛି ବାଟ ଗଲାପରେ ତାକୁ ଖୁବ୍ ନିଦ ଏବଂ ଦୁର୍ବଳ ଲାଗିଲା । ଠେକୁଆ ଥରେ ପଛକୁ ଚାହିଁ ଦେଖିଲା, କଇଁଛ ଖୁବ୍ ପଛରେ ଅଛି । ସେ ଭାବିଲା ଗଛ ଛାଇରେ ଟିକେ ବିଶ୍ରାମ ନେଇ ପୁଣି ଦୌଡିବ । ହେଲେ ଆଖି ପତା ଆଉ ଖୋଲିବା ଅବସ୍ଥାରେ ନଥିଲା କହିଲେ ଚଳେ । ଗାଢ଼ ନିଦରେ ଶୋଇ ପଡିଲା ସେ । ଆଖି ଖୋଲିଲା ବେଳକୁ ପ୍ରତିଯୋଗିତାର ଫଳାଫଳ ଘୋଷଣା ହୋଇ ସାରିଥିଲା । କହିବା ବାହୁଲ୍ୟ କଇଁଛ ହିଁ ଜିତିଥିଲା ।

ଏତିକି ବେଳକୁ ଆସିଲା ଠେକୁଆର ବନ୍ଧୁ କାଉ । ଆଜି ଏ ପ୍ରତିଯୋଗିତା ଆରମ୍ଭ ହେବା ଆଗରୁ ଧୂର୍ତ୍ତ ବିଲୁଆ, ଠେକୁଆକୁ ମହୁମିଶା ପାଣି ପିଇବାକୁ ଦେଇଥିଲା ଏବଂ ଏ ପାଣି ପିଇଲେ ବାଟରେ ଆଉ ଶୋଷ ଲାଗିବନି ବୋଲି କହିଥିବା କଥା ଶୁଣି ଏ ଘଟଣା ପଛରେ ଚାଲ୍ ରହିଛି ବୋଲି ଅନୁମାନ କଲା କାଉ ।

ବୈଦ୍ୟରାଜ ହନୁମାଙ୍କଡ ପାଖକୁ ଠେକୁଆକୁ ସାଙ୍ଗରେ ନେଇ ଗଲା କାଉ । ପରୀକ୍ଷାରୁ





ଜଣାପଡିଲା ଠେକୁଆକୁ କେହି ଜାଣିଶୁଣି ସେମିତି କିଛି ଜିନିଷ ଖାଇବାକୁ କିମ୍ବା ପିଇବାକୁ ଦେଇଥିଲା, ଯାହାଦ୍ୱାରା ଠେକୁଆ ଶୀଘ୍ର ହାଲିଆ ହୋଇ ଶୋଇ ପଡିଲା । ହେଲେ ସାକ୍ଷୀ ପ୍ରମାଣ ଯୋଗାଡ କରି ରାଜାଙ୍କ ବିଚାରକୁ ଅପେକ୍ଷା କଲାବେଳକୁ ପ୍ରାୟ ଗୋଟିଏ ବର୍ଷ ପୁରି ଯାଇଥିଲା ।

-'ଏ ତ ଅନ୍ୟାୟ, ଜେଜେ ! ଏକ ରକମ ବିରକ୍ତି ପ୍ରକାଶ କରି କହିଲା ଆକାଶ ।'

-'ସେଇଥିପାଇଁ ରାଜାଙ୍କ ପରବର୍ତ୍ତୀ ଜନ୍ମଦିନକୁ କଇଁଛ ଓ ଠେକୁଆ ମଧରେ ପ୍ରତିଯୋଗିତା କରାଯିବ ବୋଲି ଘୋଷଣା କରାଗଲା' ଗମ୍ଭୀର ହୋଇ କହିଲେ ବାପା ।

-'ଜେଜେ, ଏଥର ତ ଠେକୁଆ ନିଶ୍ଚୟ ଜିତିଥିବ ।'

-'ନା, ଏଥର ବି ନୁହେଁ ।'

-'କାହିଁକି ଜେଜେ ? ହତାଶ ସ୍ୱରରେ ପଚାରିଲା ପୁଅ ।'

- ଶୁଣ ତାହେଲେ । ହନୁ ମାଙ୍କଡ କଥା ଅନୁସାରେ କୁଆ ଏଥର ସବୁକିଛି ନିଜେ ତଦାରଖ କରୁଥିଲା । କଇଁଛ ଭିତରେ କିନ୍ତୁ ଅଗାଧ ବିଶ୍ୱାସ । ଠେକୁଆ ଗତଥର ପରି ନିଶ୍ଚୟ ଶୋଇ ପଡିବ ଏବଂ ଏଥର ବି ତା'ର ଜିତାପଟ ହେବ ବୋଲି ଭାବି ସେ ଖୁବ୍ ଖୁସି ଥିଲା । ବନ୍ଧୁ କାଉକୁ ପାଖରେ ପାଇ ଠେକୁଆ ଖୁବ୍ ଉତ୍ସାହିତ ଥିଲା । ହେଲେ କାଉ ସହ ଅନ୍ୟାନ୍ୟ ଜୀବଜନ୍ତୁ ସଂଶୟରେ ଥିଲେ । କାରଣ କଇଁଛମାନଙ୍କର ସଂଖ୍ୟାକୁ ଲକ୍ଷ୍ୟକରି ଭୋଟ ପାଇବାକୁ ରାଜା ଆଉଥରେ କିଛି ଯେ ନକରି ବସିବେ କେହି କହିପାରିବେ ନାହିଁ ।

ପ୍ରତିଯୋଗିତା ଆରମ୍ଭ ହେଲା । ହ୍ୱିସିଲ ବାଜିବା ସଙ୍ଗେ ସଙ୍ଗେ ଦୁହେଁ ଦୌଡିବା ଆରମ୍ଭ କଲେ । ଠେକୁଆ ଖୁବ୍ ଜୋରରେ ଦୌଡି ଢେର ଆଗକୁ ଚାଲିଗଲା । ଆଗଥର ପରି ଛାଇ ଜାଗା ଦେଖି ଟିକିଏ ଅଟକି ପଛକୁ ବୁଲି ଚାହିଁଲା । ଗତଥର ପରି ଠେକୁଆ ଏଥର ନିଶ୍ଚୟ ଶୋଇ ପଡିବ ଭାବି କଇଁଛ ଖୁସି ହୋଇଗଲା । ହେଲେ କ୍ଷଣିକ ମଧରେ ଠେକୁଆ ପୁଣି ଥରେ ଦୌଡିବା ଆରମ୍ଭ କରିଦେଲା । ଆଶାନୁଯାୟୀ ପ୍ରତିଯୋଗିତାରେ ଲକ୍ଷ ଭାବେ ଚିହ୍ନିତ ଥିବା ଗଛ ପାର କରିଗଲା । ସବୁ ପଶୁପକ୍ଷୀ ଖୁସିରେ ବିଭିନ୍ନ ସ୍ୱରରେ ଠେକୁଆକୁ ବଧେଇ ଜଣେଇଲେ ।

-'ଜେଜେ, ଠେକୁଆ ତ ଏଥର ଜିତିଗଲା । ତୁମେ କିନ୍ତୁ ମନା କରୁଥିଲ !'

- 'ଶୁଣ୍, ଠେକୁଆ ଯଦିଓ ଜିତିଥିଲା, କଇଁଛକୁ 'ଧୀର ଗତି' ଜାତି ଆଧାରରେ ନୂଆ 'ସଂରକ୍ଷଣ' ବ୍ୟବସ୍ଥା ନିୟମ ଅନୁସାରେ ଏଥରର ବିଜେତା ବୋଲି ଘୋଷଣା କଲେ ରାଜା ।

- 'ଠେକୁଆ ତ ବହୁତ ମନଦୁଃଖ କରିଥିବ ଜେଜେ ।'

- 'ଶୁଣ୍, ପ୍ରଥମ ଥର 'ଡୋପ୍' ପ୍ରୟୋଗ ଦ୍ୱାରା ଠେକୁଆ ଜିତିବା ରେସ୍ ହାରିଥିଲା ଏବଂ ଦ୍ୱିତୀୟ ଥର ଡୋପ୍ ପ୍ରୟୋଗ ଦ୍ୱାରା କଇଁଛ ରେସ୍ ଜିତିଥିଲା । ତେଣୁ ସେ ଠେକୁଆ ନ୍ୟାୟରୁ ବଞ୍ଚିତ ହୋଇ ନିଜ ବାସସ୍ଥାନ ଛାଡି ଏବେ ବିଦେଶରେ ରହୁଛି । ସେଠାରେ ଏସବୁ ଅନୀତି ଦୁର୍ନୀତି ଆଦି ହୁଏ ନାହିଁ ।

ବାପାଙ୍କ ଠାରୁ ଏ ଗପ ଶୁଣି ଆକାଶର ବିସ୍ଫାରିତ ଆଖିରେ ଲୁହ ଭରି ଆସିଥିବାର ଲକ୍ଷ କଲି । ତାକୁ ବୁଝାଇବାକୁ ପାଖକୁ ଯାଇ କହିଲି, ଜେଜେ ତ ଗପଟିଏ କହୁଥିଲେ । ତୁ ଏମିତି ବ୍ୟସ୍ତ ହୋଇ ପଡୁଛୁ କାହିଁକି ! ଆକାଶ ଥରେ ବାପାଙ୍କ ମୁହଁକୁ ତ ଥରେ ମୋ ମୁହଁକୁ ଚାହିଁଲା ଅବୁଝା ଆଖିରେ.. ! ! ! !

+କୁଞ୍ଜବିହାରୀ ଲେନ, କଟକ

କବିତା
ତୁମ ପାଇଁ

## ମିତରେ ମିତ ଗାଆରେ ଗୀତ

### ଶରତ କୁମାର ଦାସ



ମିତରେ ମିତ ଗାଆରେ ଗୀତ
ମଧୁର ସୁର ଦେଇ,
ତୋ' ଗୀତ ଶୁଣି ବନ ହରିଣୀ
ନାଚିବ ଥେଇ ଥେଇ ।

ବଣ ପାହାଡ ଶାଗୁଆ ଲତା
ନଈ ଝରଣା କେତେ ,
ତୁପିତୁପିକା ତୋ ଗୀତ ସୁରେ
ଝୁମିବେ ଇଚ୍ଛା ଯେତେ ।

ସୁନ୍ଦର ତୋର ଗୀତର ସୁର
ମନେ ପୁଲକ ଭରେ,
ସରଗ ବୁକୁ ଖୁସିର ସୁଅ
ସରାଗେ ସିନା ଝରେ ।

ତୋ' ଗୀତ ପରା ମହକ ଭରା
ସତେ କି ଯାଦୁ ଥାଏ,
ଥରେଟି ଯେବେ କାନରେ ବାଜେ
ଦୁଃଖ ଦୂରେଇ ଯାଏ ।

ଏମିତି ଗୀତ ଗାଆରେ ମିତ
ହସି ଉଠିବ ଭୂଇଁ,
ସ୍ନେହ ମମତା ଶରଧା ଭାବ
ହୃଦକୁ ଯିବ ଛୁଇଁ ।

ଯୋଉ ଗୀତର ସୁର ତାଳରେ
ରହିଛି ମଧୁ ଭରି ,
ସେ ଗୀତ ପରା ଅମୂଲମୂଲ
କିଏ ବା ତାଆ ସରି ।

ଯହିଁ ନଥିବ ହିଂସା ଗରବ
ସେଇ ଗୀତଟି ଗାଆ,
ଗୀତଟି ଶୁଣି ସଭିଏଁ ମିଶି
କହିବେ ବାଃ ବାଃ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଆସ ମାଆ ବୀଣାପାଣି

### ଧ୍ରୁବ ଚରଣ ଘିବେଲା

ମାଘ ମାସର ଶୁକ୍ଳ ପକ୍ଷ
ପଞ୍ଚମୀ ତିଥି ଦିନ
ମା' ବୀଣାପାଣି ହଂସବାହିନୀ
ମା'ଙ୍କ ହେବ ପୂଜନ ।
ପାଣିରେ ବୀଣା ପାଣିରେ ପୋଥି
ଧରି ସୁଶୋଭିତା ମା'
ମା' ସରସ୍ୱତୀ ସେ ବିଦ୍ୟାଦାତ୍ରୀ
ବନ୍ଦନୀୟା ସେ ମାଆ ।
ପୂଜା ମଣ୍ଡପେ ମା' ଙ୍କୁ ବସାଇ
ବସିବୁ ତାଙ୍କ କତି
ପୂଜା ପ୍ରାର୍ଥନା କରି ବନ୍ଦନା
ରଖିବୁ ଚିତ୍ତେ ଭକ୍ତି ।
ଧୂପ ଓ ଦୀପ ପୂଜା ନୈବେଦ୍ୟ
ବାଢ଼ି ଦେବୁ ହରଷେ
ଫୁଲ ଓ ଭୋଗ ଲାଗି କରାଇ
ଥିବୁ ମାଆଙ୍କ ପାଶେ ।
ତାଙ୍କ ଆସ୍ଥାନେ ବସି ଆରାମେ
ରହିକି ଏଇ ଧାମେ
ହୋଇ ହରଷ ଦେବେ ଆଶିଷ
ମଣିଷ ହେବୁ ଆମେ ।
ମା' ଙ୍କ ଆଶିଷ କରିବ ଦୂର
ଅଜ୍ଞାନ ଅନ୍ଧକାର
ଜ୍ଞାନ ଲଭିବୁ ଜ୍ଞାନୀ ହୋଇବୁ
ଲଭି କୃପା ଅପାର ।

+ବଉଦରାଜ, ଜି. ବୌଦ୍ଧ
ପିନ - ୭୬୨୦୧୪
ମୋ.୯୪୩୭୪୭୮୪୬୬

## ଆରବ୍ ପାଇଁ ନାନାବାୟା

### ନୀଳମଣି ଚାନ୍ଦ

ଅଟର ମଟର କଟର
ବଢିଆ ତ ଜେଲି,ବଟର
ଜିଓମାର୍ଟରୁ ମଗାଅ
ବ୍ରେଡ୍ ଉପରେ ଲଗାଅ
ଆହାନ୍,ଆରବ୍ ଖାଇବେ
ନର୍ସରୀ ରାଇମ୍ ଗାଇବେ ।
ଚାଙ୍ଗୁ ବାଜେ ଚଟଚଟର
ପିଁ ପିଁ କରେ ମଟର
ଦେଖିବ ଚିଲିକା ଯାଇରେ
ଅଛନ୍ତି ମା' କାଳିଜାଇରେ
କେତେ ଯେ ବିଦେଶୀ ଚଢ଼େଇ
ଦେବନି ଜମାରୁ ଅଡେଇ ।
ତୁମେ ପିଲାମାନେ ସୁନାରେ
କହିବେ ଝିଲ୍ଲିକ୍,ଝୁନାରେ
ଆହାନ୍ କମଳା ଯାଚିବ
ଦେଖିକି ଆରବ୍ ନାଚିବ
ଆ ପାରା ଅଜା କହିବେ
ପିଲାମାନେ ଚାହିଁ ରହିବେ ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭





## ସରସ୍ୱତୀ ପୂଜା

### ଝରଣା ବାରିକ

ବିଦ୍ୟା ପ୍ରଦାୟନି ମାଲୋ
ତୁ ହଂସ ବାହିନୀ,
ଧବଳ ବସନୀ ମୋଲୋ କରୁଣା ଦାୟିନୀ ।

ତୋ କରୁଣା ବଳେ ମାଲୋ
ମୁର୍ଖ କାଳିଦାସ,
ପଣ୍ଡିତ ହୋଇ ଜିଣିଲେ ସବୁ ମହା ଦେଶ ।

ପାଦ ବନ୍ଦନା ନ କରି
କଲେ ଯେଉଁ ପାପ,
ଗୋଟେ ଦେଶ ଜିତିବେନି ଦେଲୁ ଅଭିଶାପ ।

ମୁହିଁ ମହା ମୁର୍ଖଟିଏ
ଜାଣି ନାହିଁ ତପ,
ପୂଜା ବିଧି ଜାଣି ନାହିଁ ଜାଣି ନାହିଁ ଜପ ।

ଏତିକି ଜାଣିଛି ମାଲୋ
କଣ୍ଠେ ବିଜେ ତୁହି,
ମୁରଖର ସାହା ରାହା ବିଦ୍ୟା ଦେଉ କହି ।

ମାଘ ମାସ ଶୁକ୍ଳପକ୍ଷ
ପଞ୍ଚମୀ ତିଥିରେ,
ପୂଜା ପାଉ ବିଦ୍ୟାଳୟେ ଅତି ଆଦରେ ।

ନଡ଼ିଆ କଦଳୀ ଧୂପ
ଚନ୍ଦନ ସିନ୍ଦୂର,
ସଜାଡି ରଖିଛି ମାଆ ଦେବି ଉପହାର ।

ମୋର କଣ୍ଠେ ବିଜେ ହୋଇ
ରହିଥିବୁ ସଦା,
ମନ୍ଦ ଚିନ୍ତା ଆସେ ଯଦି ଦେଉ ଥିବୁ ବାଧା ।

କାଳିଦାସ ହେବା ପାଇଁ
ନାହିଁ ମୋର ଆଶ,
କଣ୍ଠରେ ଅମୃତ ଥିବ ନ ଭରିବୁ ବିଷ ।

+ସମଲ, ତାଳଚେର,
ଅନୁଗୋଳ

# ଗେଟ୍‌ଆଲାଇଭରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ



ଭୁବନେଶ୍ୱର, ୨୭/୦୧ (ନି.ପ୍ର): କଳିଙ୍ଗ ନଗରର କେ-୩ ପାଇକରାପୁର ସ୍ଥିତ ଗେଟ୍‌ଆଲାଇଭ ହେଲଥ୍ କେୟାର ପରିସରରେ ୭୪ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହେଇଯାଇଛି। ଗେଟ୍‌ଆଲାଇଭର ନିର୍ଦ୍ଦେଶକ ଡ଼ଃ ପ୍ରଭରଞ୍ଜନ ରାୟସାମନ୍ତ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିଭାଷଣ ପ୍ରଦାନ କରିଥିଲେ। ଖୁବ କମ୍ ସମୟରେ ମଧ୍ୟରେ ଉନ୍ନତ ସେବା ଯୋଗାଇ ରୋଗିଙ୍କ ସହ ଜନ ସାଧାରଣ ଆସ୍ଥା ପ୍ରକଟ କରିଥିବାରୁ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଉତ୍ତମ ସେବା ଯୋଗାଇ ଦେବାର ବିଶ୍ୱାସ ଓ ଭରାଷା ବଜାୟ ରଖିବା ପାଇଁ ଉପସ୍ଥିତ କର୍ମଚାରୀଙ୍କୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବନ୍ଧ ନିର୍ଦ୍ଦେଶକ ମିହିର କୁମାର ନନ୍ଦଗୋସ୍ୱାମି, ଅନ୍ୟତମ ନିର୍ଦ୍ଦେଶକ ଡ଼ଃ ଦେବାଶିଷ ମିଶ୍ର, ଆ.ଏ.ପି. ଉକ୍ରଳର ସଭାପତି ସ୍ମିତ ପ୍ରଜ୍ଞା ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆଗାଁ ବ୍ଲକରେ ପାନୀୟ ଜଳ ସମସ୍ୟା: ଚୁଆଖୋଳି ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ

## ବାରମ୍ବାର ଅଭିଯୋଗ ପରେ ବି ଶୁଣୁନାହାନ୍ତି ନେତା ଓ ପ୍ରଶାସକ



ନୂଆଗାଁ , ୨୭/୦୧ (ନି.ପ୍ର): ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ନୂଆଗାଁ ବ୍ଲକର ଅନେକ ଗ୍ରାମର ଗ୍ରାମବାସୀ। ଅସହାୟ ଗରିବଗୁରୁବା ଲୋକଙ୍କ କୋହକୁ ନା ଶୁଣି ପାରୁଛି ପ୍ରଶାସନ ନା ଶୁଣି ପାରୁଛନ୍ତି ଲୋକପ୍ରତିନିଧି। ପ୍ରତିବର୍ଷ ନୂଆଗାଁ ବ୍ଲକ୍ ପାନୀୟ ଜଳ ଯୋଗାଣ ବିଭାଗର ଅସଲ ମୁଖା ଖୋଲୁଥିବା ସହ ଲୋକପ୍ରତିନିଧିମାନେ ନିଜ ପଞ୍ଚାୟତବାସୀଙ୍କ ପାଇଁ କେତେ ସମସ୍ୟା ଦୂର କରି ପାରୁଛନ୍ତି ତାହାର ପ୍ରତିଛବି ଆପେ ଆପେ ବାରି ହୋଇ ପଡୁଥିବା ବେଳେ ଚଳିତ ବର୍ଷ ମଧ୍ୟ ନିଜର ଅପାରଗତାକୁ ଲୁଚାଇ ପାରିନାହାନ୍ତି।

ପାନୀୟ ଜଳ ସଂକଟକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଲାଣି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପାରାଡିପି ପଞ୍ଚାୟତ ଅନ୍ତର୍ଗତ ଗେ ?ଡ଼ଥୁଆବାରୀ ଗ୍ରାମରେ। ଏହି ଗ୍ରାମରେ ଦୁଇ ଦୁଇଟି ନଳକୂପ ଅଛି, କିନ୍ତୁ ସେଥିରୁ ବାହାରୁଥିବା ଖାର ପାଣି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥିବା ବେଳେ ଭାତ ରୋଷେଇ କଲେ ତାହାର ବର୍ଣ୍ଣ ହଳଦିଆ ପଡ଼ିଯାଉଥିବା ଗ୍ରାମବାସୀମାନେ କହିଛନ୍ତି। ଖାଦ୍ୟ ପ୍ରସ୍ତୁତି, ପାନୀୟ ଏବଂ ଗାଧୋଇବା ପାଇଁ ଗ୍ରାମର ପଛ ପାଖରେ ଥିବା ଡାହୁକା ନଦୀ ହିଁ ଏକମାତ୍ର ଭରସା ପାଲଟିଛି। ଯେଉଁଠି ଗାଧୋଉଛନ୍ତି, ସେଇଠୁ ଟିକେ ଦୂର ବାଲିରୁ ଚୁଆ ଖୋଳି ପାଣି ଆଣି ପିଇବା ସହ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି।

ପ୍ରତିଦିନ ଗ୍ରାମର ମହିଳାମାନେ ସକାଳୁ ସକାଳୁ ଘରକାମ ସାରିଦେଇ ପିଲାମାନଙ୍କୁ ଧରି ଗାଧୋଇବାକୁ ଯାଆନ୍ତି ଏବଂ ଗାଧୋଇ ସାରି ହାଣ୍ଡି ଓ ଗରା ସବୁରେ ପାଣି ଆଣି ରୋଷେଇ କରୁଥିବାର ଦୃଶ୍ୟ ବର୍ଷସାରା ଗ୍ରାମରେ ଦେଖିବାକୁ ମିଳୁଛି। ଏହି ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ଏମାନେ ବିଭିନ୍ନ ସମସ୍ୟା ଭୋଗୁଥିବା ଜଣାପଡ଼ିଛି। ଅତୀତରେ ଏହି ଗ୍ରାମର ଅନେକ ଲୋକ ଦେଶକୁ ସ୍ୱାଧୀନ କରାଇବାରେ ନିଜ ଜୀବନକୁ ବାଜି ଲଗାଇ ସହିଦ ହୋଇଥିଲେ ମଧ୍ୟ ସେମାନଙ୍କ ଗ୍ରାମରେ ପିଇବା ପାଣି ପାଇଁ ଗ୍ରାମବାସୀ ଡହଳବିକଳ ହେବା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇବା ସହ ସହିଦଙ୍କ ଗ୍ରାମ ପ୍ରତି ଘୋର ଅସମ୍ମାନ ହୋଇଛି। ସହିଦ ଦିବସକୁ ପାଳନ କରିବା ପାଇଁ ନେତାମାନଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଏଠାରେ ଉପସ୍ଥିତ ରହି ଏହି ଗ୍ରାମର ସହିଦମାନଙ୍କର ଗୁଣଗାନ କରୁଥିବା ବେଳେ ଗ୍ରାମରେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ଦୂର କରିପାରୁନାହାନ୍ତି।

ଗ୍ରାମବାସୀମାନେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ ଆଜି ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ଏନେଇ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ, ଏ ବିଷୟରେ ସେ ଅଭିଯୋଗ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରକ୍ରିୟାକରଣ ଆରମ୍ଭ ହୋଇନଥିବା ବେଳେ ଜିଲ୍ଲାପାଳ କହିଛନ୍ତି ମାନେ ପାଣି ନିଶ୍ଚିତ ଯୋଗାଇ ଦିଆଯିବ ବୋଲି କହିଛନ୍ତି। କିନ୍ତୁ ତାହା କେବେ ଦିଆଯିବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରିନାହିଁ। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସହିଦଙ୍କ ଗ୍ରାମରେ ପିଇବା ପାଣି ମୁନ୍ଦାଏ ପାଇଁ ଯେଭଳି କାହାର ଜୀବନ ଚାଲିନଯାଏ ସେଥିପ୍ରତି ଜିଲ୍ଲା ପ୍ରଶାସନ ବିଶେଷ ଭାବେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।

# ଜିଲ୍ଲା ପ୍ରଶାସନ ତରଫରୁ ଜାତୀୟ ଭୋଟର ଦିବସ ପାଳିତ




ବାରିପଦା , ୨୭/୦୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ତ୍ରୋୟଦଶ ଜାତୀୟ ମତଦାତା ଦିବସ -୨୦୨୩ ପାଳିତ ହୋଇଯାଇଛି । ଏହି ଅବସରେର ଅତିରିକ୍ତ ଜିଲ୍ଲପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଆଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଂଟଠାରେ ଆୟୋଜିତ ବୈଠକରେ ଉପସ୍ଥିତ ଥିବା ସମସ୍ତଙ୍କୁ ଅତିରିକ୍ତ ଜିଲ୍ଲାପାଳ ଭୋଟର ଦିବସ ପାଳନ ଉପଲେକ୍ଷ ଉଦ୍ଦିଷ୍ଟ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କିଛି ନୂତନ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରିବା ସହ ଭୋଟର ଦିବସ ପାଳନ ଅବସରେର ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବା କର୍ମର୍ଚାରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଉଦଘାଟନ କରିଥିଲେ । ଏହି ବୈଠକରେ ସହକାରୀ ଜିଲ୍ଲାପାଳ (ନିର୍ବାଚନ) ମେନାରଂଜନ ନାୟକଙ୍କ ସେମତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବୁଥସ୍ତରୀୟ ଅଧିକାରୀ ଓ ଛାତ୍ରଛାତ୍ରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମରଣଯନ୍ତା ପାଲଟିଛି ଅସ୍ତରଙ୍ଗ ବେଳାଭୂମି: ୯ବର୍ଷରେ ଗଲାଣି ୧୫ରୁ ଅଧିକ ଜୀବନ



ଅସ୍ତରଙ୍ଗ : ମରଣଯନ୍ତା ପାଲଟିଛି ଅସ୍ତରଙ୍ଗ ବେଳାଭୂମି। ଢେଉ ମାଡ଼, ଜୁଆର ଭଟ୍ଟା ବେଳେ ପାଣି ତଳେ ବହୁଥିବା ଅନ୍ତଃପ୍ରବାହ ସ୍ରୋତ ଯୋଗୁ ଗଭୀର ସମୁଦ୍ରକୁ ଟାଣିହୋଇ ପର୍ଯ୍ୟଟକଙ୍କ ଜୀବନ ଯାଉଛି। ବିଗତ ୯ବର୍ଷରେ ୧୫ରୁ ଉର୍ଦ୍ଧ୍ୱଙ୍କ ଜୀବନ ଗଲାଣି। ପିକ୍‌ନିକ୍ ଋତୁରେ ଡିସେମ୍ବରୁ ଜାନୁଆରି ମଧ୍ୟରେ ସବୁ ଅଘଟଣ ଘଟିଥିବା ବେଳେ ମୃତକ ଓ ଆହତଙ୍କ ମଧ୍ୟରେ ସର୍ବାଧିକ କଲେଜ ପଢୁଆ ଛାତ୍ର ଓ ନିଶାସକ୍ତ ଯୁବକ ରହିଥିବା ଜଣାପଡ଼ିଛି।

ପୀରଜାହାଁନିଆ ବେଳାଭୂମି ନିକଟରେ ୧୪ ଜଣ, ଦେବୀ ମୁହାଣରେ ୧, କେଳୁଣୀ ମୁହାଣ ନିକଟରେ ୨ ଜଣଙ୍କ ଜୀବନ ଗଲାଣି। ସେହିଭଳି ବୁଡ଼ିଯିବା କିମ୍ବା ଭାସିଯିବା ଘଟଣାରେ ପ୍ରାୟ ୪୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ଏଭଳି ଏକ ସମ୍ବେଦନଶୀଳ ସ୍ଥାନକୁ ପ୍ରଶାସନ କାହିଁକି ରେଡ୍‌ଜୋନ୍ ଘୋଷଣା କରାଯାଉନାହିଁ ତାହା ବୁଝିହେଉନି। ବେଳାମାର୍ଗରେ ସତର୍କ ଫଳକ ଲାଗୁନଥିବା ବେଳେ ଓ ଲାଇଫ୍ ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯାଉନାହିଁ। ବେଳାଭୂମି ମହୋତ୍ସବର ୨ ଦିନ ପାଇଁ ତତ୍ପରତା ପ୍ରକାଶ କରି ଲାଇଫ୍ ଗାର୍ଡଙ୍କୁ ନିୟୋଜିତ କରାଯାଉଥିବା ବେଳେ ବର୍ଷ ତମାମ ବେଳାଭୂମିରେ ସୁରକ୍ଷା ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସଚେତନତା ଅଭାବରୁ ପର୍ଯ୍ୟଟକମାନେ ସମୁଦ୍ର ସ୍ନାନ କରିବା ବେଳେ ଅସାବଧାନତା ଯୋଗୁ ବିପଦରେ ପଡୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ବେଳାଭୂମି ଅଘଟଣ ପାଇଁ ଦାୟୀ କିଏ ? ଅମାନିଆ ଯୁବଗୋଷ୍ଠୀ ନା ପ୍ରଶାସନର ଅପାରଗତା ? ମିଳିଥିବା ମୃତ ଓ ଆହତ ରିପୋର୍ଟ ମୁତାବକ ଜାନୁଆରି ୨୦୧୫ରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାରେ ୨ଜଣ ଆହତ ହୋଇଥିଲେ। ସେହିପରି ଜାନୁଆରି ୨୦୧୬ରେ ୨ଜଣଙ୍କ ମୃତ୍ୟୁ ଓ ୨ଜଣ ଆହତ, ୨୦୧୭ରେ ୪ ଜଣଙ୍କ ମୃତ୍ୟୁ ଓ ୫ ଆହତ ହୋଇଥିଲେ। ୨୦୧୯ରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଥିଲେ। ଚଳିତମାସ ୨୩ ରେ ଜଗତସିଂହପୁର ଜିଲ୍ଲାରୁ ବୁଲିବାକୁ ଆସି ପାଣିରେ ବୁଡ଼ି

## ସୁରକ୍ଷା ବ୍ୟବସ୍ଥା ହୁଗୁଳା, ଘୋଷଣା ହେଉନି ରେଡ୍‌ଜୋନ୍

୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଥିଲେ। ସେହିଭଳି ଦେବୀ ମୁହାଣରେ ଡ଼ଙ୍ଗାବୁଡି ଘଟଣା, କେଳୁଣୀ ମୁହାଣ ନିକଟରେ ଜଣେ ଭାସିଯିବା ଓ ଜଣେ ବୁଡ଼ିଯିବା ସୂଚନା ରହିଛି। ସେହିପରି ପୀରଜାହାଁନିଆ ନିକଟସ୍ଥ ଅସ୍ତରଙ୍ଗ ବେଳାଭୂମିରେ ୨୦୧୫ ପୂର୍ବରୁ ସବିଶେଷ ତଥ୍ୟ ମିଳି ନଥିବାରୁ ମୃତକ ଓ ଆହତଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି।

ବେଳାଭୂମିରେ ବାରମ୍ବାର ଅଘଟଣ ଘଟିବା ସତ୍ତ୍ୱେ ପ୍ରତିକାର ପାଇଁ ସ୍ଥାନୀୟ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନିଆଯାଉନାହିଁ। ବାଲିଯାତ୍ରା ବେଳେ ମାତ୍ର ୨ଦିନର ସୁରକ୍ଷା ବ୍ୟବସ୍ଥା ରହି ଅନ୍ୟ ସମୟରେ କାହିଁକି ବ୍ୟବସ୍ଥା ଏତେ ହୁଗୁଳା ତାହା ବୁଝାପଡୁନି। ଲାଇଫ୍ ଗାର୍ଡ ବ୍ୟବସ୍ଥା ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଅନ୍ତତଃ ପିକ୍‌ନିକ୍ ସମୟରେ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଓଡ଼ିଶା ପର୍ଯ୍ୟାବରଣର ସଂରକ୍ଷଣ ଅଭିଯାନ ନାମକ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସୌମ୍ୟରଞ୍ଜନ ବିଶ୍ୱାଳ ଗତକାଲି ଅସ୍ତରଙ୍ଗରେ ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରି ଲାଇଫ୍ ଗାର୍ଡ ନିୟୋଜିତ କରିବାକୁ ଦାବି କରିଛନ୍ତି।

## ଗଜରାଜଙ୍କ ପାଇଁ ରାତି ହେଲେ ୪ ପଞ୍ଚାୟତ ଅନ୍ଧାର

ପ୍ରତାପୁର , ୨୭/୦୧ (ନି.ପ୍ର): ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ୍ ଗେରେଡ଼ା ଅଞ୍ଚଳର ମାଣପୁର ନିକଟରେ ଗତ ସପ୍ତାହରେ ହାତୀ ମୃତ୍ୟୁ ପରେ ବନ ବିଭାଗ ତତ୍ପର ହୋଇଉଠିଛି। ହାତୀପଲଙ୍କ ଗତିବିଧି ଉପରେ ବରାବର ନଜର ରଖାଯାଇଛି। ତେବେ ହାତୀଙ୍କ ସୁରକ୍ଷା ପାଇଁ କୁଡୁତାଇ, ଗେରେଡା, ହଜପଲ୍ଲୀ, ସମରବନ୍ଧ ଓ ଉମାସାହି ଅଞ୍ଚଳରେ ପ୍ରତିଦିନ ସନ୍ଧ୍ୟାରୁ ତା' ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହେଉଛି। ଯାହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଦିନରେ ମରାମତି ନାମରେ ଓ ରାତିରେ ହାତୀଙ୍କ ସୁରକ୍ଷା ଆଳ ଦେଖାଇ ବିଦ୍ୟୁତ୍ କାଟ୍ ହେଉଥିବାରୁ ୪ଟି ପଞ୍ଚାୟତର ବାସିନ୍ଦା ଅନ୍ଧାରରେ ରହୁଛନ୍ତି। ଅନ୍ୟପକ୍ଷରେ ହାତୀ ଯେଉଁ ସମୟରେ ଆସୁଛି, ସେତେବେଳେ ବିଦ୍ୟୁତ୍ କାଟ୍ କରା ନଯାଇ ୧୦ରୁ ୧୨ ଘଣ୍ଟା ବିଦ୍ୟୁତ୍ ସେବାକୁ ବିଚ୍ଛିନ୍ନ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଗୋଟିଏପଟେ ଗ୍ରାମବାସୀ ଅନ୍ଧାରରେ ରହୁଥିବା ବେଳେ ଅନ୍ୟପଟେ ବନ ବିଭାଗ ବିଦ୍ୟୁତ୍ କାଟ୍ କରି ଚିନ୍ତାଶୂନ୍ୟ ହୋଇଯାଉଥିବା ଅଭିଯୋଗ ହୋଇଛି।

# ଯାଜପୁର ଜିଲ୍ଲାରେ ହ୍ରାସ ପାଉଛି ଝିଅଙ୍କ ସଂଖ୍ୟା: ପ୍ରତି ହଜାରେ ପୁଅରେ ୮୯୮ ଝିଅ

ଯାଜପୁରସଦର, ୨୭/୦୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ଦୁଇ ଦଶନ୍ଧି ଧରି ଯେଉଁ ହାରରେ ଝିଅ ସଂଖ୍ୟା ହ୍ରାସ ପାଉଛି, ତାହା ଆଗକୁ ଜଟିଳ ଆକାର ଧାରଣ କରିବାର ଆଶଙ୍କା ପ୍ରକାଶ ପାଇଛି। ଏବେ ପ୍ରତି ହଜାରେ ପୁଅରେ ମାତ୍ର ୮୯୮ ଝିଅ ଅଛନ୍ତି। ଏହି ଉଦବେଗଜନକ ସ୍ଥିତିକୁ ନେଇ ଏବେ ବିଶେଷଜ୍ଞ ମହଲ ଚିନ୍ତା ପ୍ରକଟ କଲାଣି। ଆଗକୁ ଆଉ ବିବାହ ପାଇଁ ଝିଅ ମିଳିବେ ନାହିଁ ବୋଲି ଅନେକ ପୁରୁଖା ବ୍ୟକ୍ତି ପ୍ରକାଶ କରିଛନ୍ତି। ୨୦୧୯ ରୁ ୨୦୨୧ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ ରିପୋର୍ଟ ଅନୁସାରେ ଝିଅ ଜନ୍ମ ଅନୁପାତ କମ୍ ରହିଛି। ରିପୋର୍ଟ ଅନୁସାରେ ଭାରତରେ ହଜାରେ ପୁଅରେ ୯୨୯ ଝିଅ ରହିଥିବା ବେଳେ ଓଡ଼ିଶାରେ ଏହି ହାର ଯଥେଷ୍ଟ କମ୍ ରହିଛି। ଏଠି ପ୍ରତି ହଜାର ପୁଅରେ ୮୯୪ ଝିଅ ଜନ୍ମ ନେଉଚନ୍ତି। ସେହି ଆଧାରରେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ୮୯୮। ଏହା ଅତ୍ୟନ୍ତ ଉଦବେଗଜନକ ବୋଲି କୁହାଯାଉଛି। ପୁଅ ଝିଅଙ୍କ ମଧ୍ୟରେ ଲିଙ୍ଗଗତ ତାରତମ୍ୟ ୧୦୨ ରହିଛି। ଏପରି ବ୍ୟବଧାନ ଲାଗି ରହିଲେ ଆଉ ୩୦ ବର୍ଷ ପରେ ପୁଅଙ୍କ ତୁଳନାରେ ଝିଅଙ୍କ ଜନ୍ମ ସଂଖ୍ୟା ସାଂଘାତିକ ସ୍ଥିତିକୁ ଖସି ଯିବାର ଆଶଙ୍କା ଦେଖାଦେଇଛି। ୨୦୦୧ ଜନଗଣନା ରିପାର୍ଟ ଅନୁସାରେ ଯାଜପୁର ଜିଲ୍ଲାରେ ହଜାରେ ପୁଅରେ ୯୩୭ ଝିଅ ଜନ୍ମ ହୋଇଥିଲେ। ୨୦୧୧ ବେଳକୁ ଏହି ସଂଖ୍ୟା ୯୨୬ କୁ ଖସି ଆସିଛି। ଏହି ସଂଖ୍ୟା କମିବାର ମୁଖ୍ୟ କାରଣ ବେଆଇନ ଲିଙ୍ଗ ନିରୂପଣ ବୋଲି କୁହାଯାଉଛି। ସରକାରୀ ମୁଖ୍ୟ ଚିକିତ୍ସାଳୟରେ ସୋନୋଗ୍ରାଫି(ଅଲଟ୍ରାସାଉଣ୍ଡ) ମେସିନ ଥାଇ ମଧ୍ୟ ଏହାର ବ୍ୟବହାର କରାଯାଉନାହିଁ। ଗର୍ଭବତୀ ମହିଳାଙ୍କୁ ପରୋକ୍ଷରେ ବେସରକାରୀ ଚିକିତ୍ସାଳୟକୁ ଯିବାକୁ ବାଧ୍ୟ କରାଯାଉଛି। ଏହିସବୁ ଚିକିତ୍ସାଳୟରେ ବେଆଇନ ଭାବେ ଲୁଚାଛପାରେ ଲିଙ୍ଗ ନିରୂପଣକୁ ପ୍ରୋତ୍ସାହିତ କରାଯାଉଛି। ଜିଲ୍ଲା ସ୍ତରରେ ବେଆଇନ ଲିଙ୍ଗ ନିରୂପଣ ଆଇନ ପରାମର୍ଶଦାତା କମିଟି ରହିଛି।

# ଆବଶ୍ୟକ ଭିତ୍ତିଭୂମି ନଥିବାରୁ କ୍ରୀଡ଼ାରୁ ମୁହଁ ଫେରାଉଛନ୍ତି ଯୁବବର୍ଗ

ଟେନ୍ତୁଲିଖୁଣ୍ଟି , ୨୭/୦୧ (ନି.ପ୍ର): କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ନବରଙ୍ଗପୁର ଜିଲ୍ଲା ଟେନ୍ତୁଲିଖୁଣ୍ଟି ସଦର ମହକୁମାରେ ଖେଳ ପଡ଼ିଆ ନଥିବାରୁ କ୍ରୀଡ଼ାବିତ୍ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କ୍ରୀଡ଼ା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ନଥିବାରୁ କ୍ରୀଡ଼ାବିତ୍ ନିଜ ପ୍ରତିଭା ପ୍ରଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ଏପରିକି ବହୁ ପ୍ରତିଭାବାନ କ୍ରୀଡ଼ାବିତ୍ କ୍ରୀଡ଼ାରୁ ମୁହଁ ଫେରାଇବାକୁ ବାଧ ହେଉଛନ୍ତି। ଦିନ ଥିଲା ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଟେନ୍ତୁଲିଖୁଣ୍ଟି ବ୍ଲକ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏହି ବ୍ଲକରେ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କ ଅଭାବ ନଥିଲା। ଆବଶ୍ୟକ ଭିତ୍ତିଭୂମି ଓ ଖେଳ ପଡ଼ିଆ ଅଭାବରୁ ବ୍ଲକରେ ଥିବା ବହୁ କ୍ରୀଡ଼ାବିତ୍ ନିଜର ଲୁକ୍କାୟିତ ପ୍ରତିଭା ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳର ଅନେକ ପ୍ରତିଭାବାନ ଯୁବକ କ୍ରୀଡ଼ାକୁ କ୍ୟାରିୟର କରିବାକୁ ଚାହୁଁଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଏମାନଙ୍କୁ ନିରାଶ କରିଛି। ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁଁ ଯୁବ କ୍ରୀଡ଼ାବିତ୍‌ଙ୍କ ଏହି ଆଶା ପୂରଣ ହୋଇପାରୁନି। ବହୁ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇ ଯାଉଛି। କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ସରକାରୀସ୍ତରରେ ନା ମିଳୁଛି ପ୍ରୋତ୍ସାହନ ନା ଅଛି ଆବଶ୍ୟକୀୟ ଭିତ୍ତିଭୂମି। ପଡ଼ୋଶୀ ବ୍ଲକ କିମ୍ବା ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିକୁ ତୁଳନା କଲେ ଟେନ୍ତୁଲିଖୁଣ୍ଟି ସଦର ମହକୁମା ବହୁ ପଛରେ ପଡ଼ିଛି। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଟେନ୍ତୁଲିଖୁଣ୍ଟିରେ ଏକ ଉନ୍ନତମାନର ଖେଳ ପଡ଼ିଆ ନିର୍ମାଣ ହୋଇନପାରିବା ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କୁ ବ୍ୟଥିତ କରିଛି। ପ୍ରତ୍ୟେକ ପଞ୍ଚାୟତରେ ଖେଳ ପଡ଼ିଆ ନିର୍ମାଣ ପାଇଁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଟେନ୍ତୁଲିଖୁଣ୍ଟି ପଞ୍ଚାୟତ କିମ୍ବା ବ୍ଲକ ସଦର ମହାକୁମାରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଟେନ୍ତୁଲିଖୁଣ୍ଟି ଅଞ୍ଚଳର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଖେଳ ପଡ଼ିଆ କହିଲେ ସ୍ଥାନୀୟ ସରକାରୀ ନୋଡାଲ ବାପୁଜୀ ହାଇସ୍କୁଲ ପରିସରରେ ଥିବା ଖେଳ ପଡ଼ିଆ ବୁଝାଏ। ବର୍ତ୍ତମାନ ଏହି ଖେଳ ପଡ଼ିଆ ପାର୍ଶ୍ୱରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ହୋଇଛି। ସେହିପରି ୫-ଟି ଅଧୀନରେ ବାପୁଜୀ ଉଚ୍ଚବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ସହ ପଡ଼ିଆ ଚାରିପାଖେ ପାଚେରି ନିର୍ମାଣ କରାଯାଇଛି। ସ୍କୁଲ ଛାତ୍ରଛାତ୍ରୀ ଓ ଛାତ୍ରୀନିବାସର ସୁରକ୍ଷା ତଥା ଅଧ୍ୟୟନକୁ ଦୃଷ୍ଟିରେ ରଖି ବାହାର ଖେଳାଳିଙ୍କୁ ଉକ୍ତ ପଡ଼ିଆରେ ଖେଳିବା ପାଇଁ ଆଗାମୀ ଦିନରେ ବାରଣ କାରାଯିବ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ଟେନ୍ତୁଲିଖୁଣ୍ଟି ସଦରର ଯୁବ କ୍ରୀଡ଼ାବିତ୍‌ଙ୍କ କେଉଁଠି କ୍ରୀଡ଼ା ଅଭ୍ୟାସ କରିବେ ସେନେି ଚିନ୍ତାରେ ପଡ଼ିଛନ୍ତି। ତେଣୁ ଜିଲ୍ଲା ତଥା ବ୍ଲକ ପ୍ରଶାସନର ପ୍ରୟାସରେ ଟେନ୍ତୁଲିଖୁଣ୍ଟି ସଦର ପଞ୍ଚାୟତର ଏକ ଖେଳ ପଡ଼ିଆ ନିର୍ମାଣ କରାଗଲେ ବହୁ ଯୁବ କ୍ରୀଡ଼ାବିତ୍ ଉପକୃତ ହୋଇପାରିଥାନ୍ତେ ବୋଲି ବରିଷ୍ଠ ଖେଳାଳି ଗୋପାଳ କୃଷ୍ଣ ନାୟକ, ପ୍ରବୀଣ ଟାକ୍ରି, ପ୍ରଦ୍ୟୁମ୍ନ ଦାସ, ପ୍ରଦୀପ ଦାସ, ତୁଳାରାମ କର୍କରା, ସୁଶାନ୍ତ କୁମାର ଶତପଥୀ, ପ୍ରଶାନ୍ତ କୁମାର ଶତପଥୀ, ହାନେଶ ପାତ୍ର ବାଘ, ଅଜୟ ହିଆଲ, ବସନ୍ତ ପାଣିଗ୍ରାହୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ଜେ.ଏସ.ଡବ୍ଲ୍ୟୁ. କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୦୧ (ନି.ପ୍ର): ପାରାଦୀପ ସ୍ଥିତ ଜେ.ଏସ.ଡବ୍ଲୁ. କାର୍ଯ୍ୟାଳୟ ପରିସରରେ ୭୪ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋବିନ୍ଦପୁର ଗାଁର ବୟୋଜ୍ୟେଷ୍ଠ ବୃଦ୍ଧା ଫୁଲ ନାୟକ, ପାଟଣା ଗାଁର ମନ୍ଦୁରୀ ସାହାଣୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ରଞ୍ଜନ କୁମାର ନାୟକ ଯୋଗ ରାଜ୍ୟର ବିକାଶ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ଏକ ଆହ୍ୱାନ ବୋଲି କହିବା ସହିତ ସ୍ଥାନୀୟ ଲୋକଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ମନ୍ଦୁରୀ ସାହାଣୀ, ଫୁଲ ନାୟକ, ବଟକୃଷ୍ଣ ସାମଲ, ଶିଶିର ମହାପାତ୍ର, ବିଷ୍ଣୁ ଚରଣ ପ୍ରଧାନ, ନାରାୟଣ ଜେନା, ଭାସ୍କର ବେହେରା ପ୍ରମୁଖ ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ସ୍ଥାନୀୟ ବାଲିତୁଠ ଗାଁ ର ସୁନାମଧନ୍ୟ ବାଲୁକା ଶିଳ୍ପୀ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଛାତ୍ର ପାର୍ଥ ସାରଥି ଜେନାଙ୍କୁ ପଚାଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପାର୍ଥ ସାରଥି ଏବେ ଭିଜୁଆଲ ଆର୍ଟ ରେ ଡିପ୍ଲୋମା ପାଠ ପଢୁଛନ୍ତି। ଏହି ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼କୁ କମ୍ପାନୀର ସୁରକ୍ଷା ଅଧିକାରୀ ବିଜୟ ସୁର ପରିଚାଳନା କରିଥିଲା ବେଳେ ଜେ.ଏସ.ଡବ୍ଲୁ. କମ୍ପାନୀର ସମସ୍ତ କର୍ମଚାରୀ, ସୁରକ୍ଷା କର୍ମୀଙ୍କ ସହିତ ସ୍ଥାନୀୟ ତିନି ପଞ୍ଚାୟତର ବହୁ ଜନସାଧାରଣ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ୟାକେଜିଂ ପାଇଁ ଆୟୋଜିତ ହେବ କର୍ମଶାଳା

ଭୁବନେଶ୍ୱର, ୨୭ ଜାନୁଆରୀ (ହି.ସ.) ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ସାରା ବିଶ୍ୱର ବିଭିନ୍ନ କୋଣରେ ପହଂଚାଇବାକୁ ପ୍ୟାକେଜିଂ ଉପରେ କର୍ମଶାଳା ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୦.୩୦ ଠାରୁ ଭୁବନେଶ୍ୱର ସ୍ଥିତ ହୋଟେଲ ଦି ନିଉ ମାରିଅନରେ ଆୟୋଜନ କରାଯିବ। କେନ୍ଦ୍ର ଏମଏସଏମଇ ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କର ଏମଏସଏମଇ ବିଭାଗ ସହାୟତାରେ ଫୋରମ୍ ଫର ଏଂଟରପ୍ରାଇଜ ଡେଭଲପମେଂଟ (ଫେଡ଼), ଭୁବନେଶ୍ୱର ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ଭାରତର ସରକାରଙ୍କର ଏମଏସଏମଇ ମନ୍ତ୍ରଣାଳୟର ସଚିବ ବିଦ୍ୟୁତ ବିହାରୀ ସ୍ୱାଇଁ ମୁଖ୍ୟ ଅତିଥି, ଏବଂ ଶିଳ୍ପ ମନ୍ତ୍ରଣାଳୟ ମହାନିର୍ଦ୍ଦେଶକ (ବୈଦେଶିକ ବାଣିଜ୍ୟ) ସନ୍ତୋଷ କୁମାର ଷଡଙ୍ଗୀ, ରାଜ୍ୟ ସରକାରଙ୍କର ଏମଏସଏମଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫୋରମ୍ ଫର ଏଂଟରପ୍ରାଇଜ ଡେଭଲପମେଂଟ (ଫେଡ଼), ଭୁବନେଶ୍ୱରର ଅଧକ୍ଷ ପଂଚାନନ ଦାଶ ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିବେ। ଏମଏସଏମଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟର ମୁଖ୍ୟ ପି କେ ଗୁପ୍ତା ଏହି କାର୍ଯ୍ୟକ୍ରମର ସଂଯୋଜନା କରିବେ। ଏତଦବ୍ୟତୀତ ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଖଦି ଏବଂ ଗ୍ରାମଦ୍ୟୋଗ କମିଶନର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିରେ ଭାରତୀୟ ପ୍ୟାକେଜିଂ ଇନଷ୍ଟିଚ୍ୟୁଟ୍ କୋଲକତା, ସେଂଟ୍ରାଲ୍ ଫୁଡ୍ ଟେକ୍ନୋଲୋଜିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ହାଇଦ୍ରାବାଦର ବିଶେଷଜ୍ଞ ଓ ଭାରତର ବିଭିନ୍ନ ଜାଗାରୁ ମେସିନ୍ ଯୋଗାଣକାରୀମାନେ ଭାଗ ନେବେ। ଏମଏସଏମଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଶିବାନନ୍ଦ ନାୟକ, ଫେଡ୍ର ଅବୈତନିକ ସଦସ୍ୟ ରାଇ ପ୍ରସାଦ ପଟନାୟକ, ସରୋଜ ରଥ ଏବଂ କମଳାକାନ୍ତ ସାହୁ ପ୍ରମୁଖ କର୍ମଶାଳା ଆୟୋଜନରେ ସହାୟତା କରିବେ । ସୂଚନାଯୋଗ୍ୟ ଯେ, ଭାରତ ଗୋଟିଏ ଯୁବକରେ ଭରା ଦେଶ ଯେଉଁଥିରେ ପ୍ରାୟ ୭୦% ଲୋକଙ୍କର ବୟସ ୪୦ ବର୍ଷରୁ କମ୍। ଭାରତର ମୋଟ ଜାତୀୟ ଆୟର ୩୪% ଯୁବକମାନଙ୍କର ଅବଦାନ ରହିଛି; କିନ୍ତୁ ଏହାକୁ ବୃଦ୍ଧି କରିବାର ଅତ୍ୟନ୍ତ ଆବଶ୍ୟକତା ଅଛି। ବାସ୍ତବରେ, ଯୁବକମାନେ ଆଜି କେବଳ ଆର୍ଥିକ ସମୃଦ୍ଧିର ବିକାଶ ପାଇଁ ନୁହେଁ ବରଂ ସାମାଜିକ ପରିବର୍ତ୍ତନ ପାଇଁ ମଧ ଏକ ପ୍ରମୁଖ ଉତ୍ସ। ଆମେ ଜନସଂଖ୍ୟାଗତ ଲାଭାଂଶ କଥା କହୁ ଯାହାର ଅର୍ଥ ହେଲା ଜନସଂଖ୍ୟାର ବୟସ ସଂରଚନାରେ ପରିବର୍ତ୍ତନର ଫଳାଫଳ ସ୍ୱରୂପ ଅର୍ଥନୀତିର ଅଭିବୃଦ୍ଧି । ଯୁବ ସମାଜର ସଂଖ୍ୟା ବୃଦ୍ଧି ସଂଗେ ସଂଗେ ଅର୍ଥନୀତିର ଅଭିବୃଦ୍ଧି । ଗୋଟିଏ ପରିବାରରେ ଖାଲି ଯୁବସଂଖ୍ୟା ବଢିଲେ ପରିବାର ଉନ୍ନତି ହୁଏ ନାହିଁ । ସେମାନେ ସବୁ ରୋଜଗାରକ୍ଷମ ହେଲେ ପରିବାରର ଉନ୍ନତି ହୁଏ। ସେମାନେ ଖାଲି ବେକାର ହୋଇ ବସି ଖାଇଲେ ପରିବାର ପାଇଁ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି। ସେମିତି ଆମ ଦେଶ ଆମର ଗୋଟିଏ ବଡ ପରିବାର। ଦେଶର ଏତେ ବଡ ଯୁବ ଶକ୍ତି ଯଦି କର୍ମ କରିବାର ସୁଯୋଗ ପାଇଲେ ତେବେ ଆମ ଦେଶ ଉନ୍ନତ ହେବ । କିନ୍ତୁ ଯୁବପିଢ଼ି ଯଦି କର୍ମ କରିବାକୁ ସୁଯୋଗ ପାଇଲେ ନାହିଁ ତେବେ ଦେଶର ଆର୍ଥିକ ଅଭିବୃଦ୍ଧି ହେବା ବଦଳରେ ସେମାନେ ଦେଶ ଉପରେ ବୋଝ ହୋଇଯିବେ। ଗୋଟିଏ ଉନ୍ନତ ଭବିଷ୍ୟତ ପାଇଁ ଯୁବକମାନଙ୍କୁ ସଶକ୍ତ କରି ସେମାନଙ୍କର ଉଭୟ ଆର୍ଥିକ ଉନ୍ନତି ସହିତ ଜୀବନଧାରଣର ମାନକୁ ବୃଦ୍ଧି କରିବାର ଆବଶ୍ୟକତା ଅଛି। ଏହି ଆହ୍ୱାନ କେବଳ ସରକାରଙ୍କ ପାଇଁ ସୀମିତ ନୁହେଁ, ଦେଶର ସମଗ୍ର ବେସରକାରୀ ସଂସ୍ଥା ମଧ ସେମାନଙ୍କୁ କର୍ମ ଯୋଗାଇ ଦେବାକୁ ତତ୍ପର ହେବା ଉଚିତ। ସଚେତନତା ଏବଂ ମାର୍ଗଦର୍ଶନ ମାଧମରେ ଯୁବପିଢିଙ୍କୁ ସଶକ୍ତିକରଣ କରି ଜୀବନର ଏକ ଉତ୍ତମ ଦୃଷ୍ଟିକୋଣର ବିକାଶ ଦିଗରେ ପ୍ରଚେଷ୍ଟା କରିବାର ଆବଶ୍ୟକତା ଅଛି । ଯୁବ ସଶକ୍ତିକରଣ କେବଳ ସମଗ୍ର ଦେଶର ବିକାଶ ପାଇଁ ନୁହେଁ ବରଂ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିକାଶ ପାଇଁ ମଧ ଜରୁରୀ। ଏହାକୁ ଧାନରେ ରଖି ଫୋରମ୍ ଫର ଏଂଟରପ୍ରାଇଜ ଡେଭଲପମେଂଟ (ଫେଡ଼), ଏକ ପଂଜିକୃତ ସଂସ୍ଥା ଯୁବକ ମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି । ଦକ୍ଷିଣ ଭାରତର ଇଡଲି, ଦୋସା ପୃଥିବୀ ସାରା ବିକ୍ରି ହେଉଛି । ଆମ ଓଡ଼ିଶାରେ ଏତେ ପାରମ୍ପରିକ ପିଠା ଅଛି ଯଦି ସେଗୁଡ଼ିକ ତିଆରିର ମାନ ଏବଂ ଗୁଣ ବୃଦ୍ଧି ସଂଗେ ସଂଗେ ସୁନ୍ଦର ଆବରଣ ମାଧମରେ ବିକ୍ରି କର ଯାଆନ୍ତା ତେବେ ଏହା ବିଶ୍ୱର ବିଭିନ୍ନ ଜାଗାରେ ପହଂଚି ପାରନ୍ତା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଏବେ ଯଦି ନିର୍ବାଚନ ହୁଏ....

ଭୋଟ ମିଳିବା ଆକଳନ କରିଛି ଇଣ୍ଡିଆ ଟୁଡେ-ସି ଭୋଟର ସର୍ଭେ । ଇଣ୍ଡିଆ ଟୁଡେ-ସି- ଭୋଟର ସର୍ଭେ ରିପୋର୍ଟ ଅନୁସାରେ ଏନଡିଏକୁ ଆସାମ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଫାଇଦା ମିଳିପାରେ । ସେହିପରି ୟୁପିଏ କର୍ଣ୍ଣାଟକ, ମହାରାଷ୍ଟ୍ର ଓ ବିହାରରେ ଆଗରେ ରହିବ ବୋଲି ଆକଳନ କରାଯାଇଛି । ବିଶେଷକରି ଉତ୍ତରପ୍ରଦେଶରେ ବିଜେପି ଗତଥର ଅପେକ୍ଷା ଅଧିକ ଆସନ ପାଇବ ବୋଲି ସର୍ଭେ କହିଛି ।

### ସର୍ଜିକାଲ ଷ୍ଟ୍ରାଇକ ଉପରେ ପ୍ରଶ୍ନ ଉଠାଇ....

ସେନାଠୁ କୌଣସି ପ୍ରମାଣ ଚାହେଁନି କଂଗ୍ରେସ । ସର୍ଜିକାଲ ଷ୍ଟ୍ରାଇକୁ ନେଇ କଂଗ୍ରେସ ନେତା ବାରମ୍ବାର ପ୍ରଶ୍ନ ଉଠାଉଥିବାବେଳେ ବିଜେପି ବାରମ୍ବାର ଦଳକୁ ସମାଲୋଚନା କରୁଛି । ଘଟଣାକୁ ନେଇ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତ ମଧ ପ୍ରକାଶ ପାଇଛି । ଭାରତୀୟ ସେନା ଉପରେ କଂଗ୍ରେସର ଏଭଳି ବୟାନ ନିନ୍ଦନୀୟ । ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ସର୍ଜିକାଲ ଷ୍ଟ୍ରାଇକ ଭିଡିଓ ସାର୍ବଜନୀନ କରାଯାଇପାରିବନି କହିଛନ୍ତି ପ୍ରତିରକ୍ଷା ବିଶେଷଜ୍ଞ । କଂଗ୍ରେସ ନେତାଙ୍କ ଏଭଳି ବୟାନ ଦଳ ପାଇଁ ଆଗକୁ ବଡ ସମସ୍ୟା ଆଣିବା ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି । ତେବେ ଏବେ ପ୍ରଶ୍ନ ଉଠୁଛି ସେନା ଉପରେ ପ୍ରଶ୍ନ ଉଠାଇବାକୁ ନେଇ ଦଳର ହାଇକମାଣ୍ଡ ପଛଘୁଞ୍ଚା ଦେଉଛନ୍ତି କିମ୍ବା ଦୂରେଇ ରହୁଛନ୍ତି । ତେବେ ଦଳୀୟ ନେତା ଏଭଳି ବୟାନ ବାରମ୍ବାର କଣ ପାଇଁ ରଖୁଛନ୍ତି ? ଏହା କଂଗ୍ରେସ ଦୁର୍ବଳ ଏକତାକୁ ଦର୍ଶାଉଛି ନା ନେତାମାନେ ହାଇକମାଣ୍ଡଙ୍କ ତାଗିଦକୁ ନଜର ଅନ୍ଦାଜ କରୁଛନ୍ତି ?

### ପରୀକ୍ଷାର୍ଥୀଙ୍କୁ ପ୍ରଧାନମନ୍ତ୍ରୀଙ୍କ....

ଏହାକୁ କେମିତି ରୋକି ହେବ ? ପ୍ରଧାନମନ୍ତ୍ରୀ ତନ୍ମୟଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସଫଳତା ପାଇଁ ସର୍ଟକଟ ଆପଣାଇବା ଉଚିତ ନୁହେଁ । କଠିନ ପରିଶ୍ରମ କଲେ ଫଳ ମିଳିଥାଏ । ଏଥିସହ ପରୀକ୍ଷାରେ ଭଲ ନମ୍ବର ପାଇଁ ପିଲାମାନଙ୍କ ଉପରେ ଅଯଥା ଚାପ ନପକାଇବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି । କହିଛନ୍ତି, ପିଲାମାନଙ୍କୁ ଚାପଗସ୍ତ ନକରିବାକୁ ମୁଁ ପିତାମାତାଙ୍କୁ ଅନୁରୋଧ କରୁଛି । କିନ୍ତୁ ଛାତ୍ରଛାତ୍ର ସେମାନଙ୍କ ସାମର୍ଥ୍ୟକୁ ହେୟଜ୍ଞାନ ନକରିବା ଉଚିତ୍ । ପରୀକ୍ଷା ପେ ଚର୍ଚ୍ଚାର ଷଷ୍ଠ ସଂସ୍କରଣରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତାପରେ ଆରମ୍ଭ ହୋଇଥିଲା ଆଲୋଚନା । ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ ଦେଶର ବିଭିନ୍ନ ରାଜ୍ୟର ପ୍ରାୟ ୩୮ଲକ୍ଷ ଶିକ୍ଷାର୍ଥୀ ।

### ଆରମ୍ଭରୁ 'ବିଆରଏସ୍'ର....

କିନ୍ତୁ କାହିଁକି ଲୋକଙ୍କ କାମରେ ଲାଗି ପାରୁନି । ଓଡ଼ିଶାର ଢେଙ୍କାନାଳ ଓ ତାଳଚେରରେ ଉଚ୍ଚମାନର କୋଇଲା ମିଳୁଛି । ଓଡ଼ିଶାର କୋଇଲା ଖଣି କାହା କାମରେ ଲାଗୁଛି । ବିଦ୍ୟୁତ ଉତ୍ପାଦନ ହୋଇପାରନ୍ତା । ଓଡ଼ିଶାରେ ଦୀର୍ଘଦିନ ଧରି ଚାଷୀ ଆନ୍ଦୋଳନ ଜାରି ରହିଛି । ଦଳିତ, ଗରିବ, ଚାଷୀଙ୍କ ପ୍ରତି ଉପହାସ କରାଯାଉଛି । ଧନର ଅଭାବ ନୁହେଁ ବରଂ ମନର ଅଭାବ ଯୋଗୁ ଏସବୁ ହୋଇପାରୁନି । ନିର୍ବାଚନ ଜିତିବା ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଇ ଭୋଟ ପାଇଲା ପରେ ସେସବୁ ଭୁଲି ଯାଉଛନ୍ତି । ନିର୍ବାଚନରେ ନେତା ଓ ପାର୍ଟି ଜିତୁଛି, କିନ୍ତୁ ଜନତା ହାରି ଯାଉଛନ୍ତି । କିନ୍ତୁ ବିଆରଏସ ଚାହେଁ ନିର୍ବାଚନରେ ଜନତା ଜିତୁ । ତା ହିଁ ଗଣତନ୍ତ୍ର । ଦଳଗୁଡ଼ିକ ନିଜ କ୍ଷମତା ପାଇଁ ବା ରାଜନୀତିକ ଷଡ଼ଯନ୍ତ୍ରକାରୀମାନେ ନିର୍ବାଚନ ଜିତିବା ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି । ଯାହାକୁ ପରେ ପାଳନ କରନ୍ତି ନାହିଁ । ସେଥିପାଇଁ ବିଆରଏସ୍ 'ଅବକି ବାର କିଷାନ ସରକାର'ର ସ୍ଲୋଗାନ ଦେଉଛି । ଚାଷୀମାନେ ହିଁ ନେତା ହେବେ, ଦେଶ ତଥା ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିବେ । ସେ ନିଜ ରାଜ୍ୟ ତେଲେଙ୍ଗାନାର ଉଦାହରଣ ଦେଇ କହିଥିଲେ ଯେ, ମାତ୍ର ୮ବର୍ଷ ତଳେ ତେଲେଙ୍ଗାନାରେ ବି ପିଇବା ପାଣି, ଜଳସେଚନ ଓ ବିଦ୍ୟୁତ ସମସ୍ୟା ଥିଲା । କିନ୍ତୁ ଏବେ ରାଜ୍ୟର ଶତପ୍ରତିଶତ ଘରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଯେଉଁ ୫୦% ଲୋକ ଦାଦନ ଖଟିବାକୁ ଯାଇଥିଲେ ସେମାନଙ୍କୁ ନିଜ ଘରକୁ ଫେରାଇ ଅଣାଯାଇ ପାରିଛି । ଚାଷୀ ଏଠାରେ ଆତ୍ମହତ୍ୟା କରୁନି । ତେଣୁ ଏସବୁ ସମ୍ଭବପର ହୋଇପାରିଛି କେବଳ ରାଜନୀତିକ ଇଚ୍ଛାଶକ୍ତି ଯୋଗୁ । ବିଭିନ୍ନ କାରଣରୁ ରାଜକୋଷର କ୍ଷତି ହେଲେ ତା'ର ଭରଣା ଜନତାଙ୍କଠୁ କରାଯାଉଛି, କିନ୍ତୁ ଫାଇଦା ହେଲେ ତାହା ଉଦ୍ୟୋଗପତିଙ୍କୁ ଦିଆଯାଉଛି । ତେଣୁ ଏସବୁରେ ପରିବ ର୍ନ ଆବଶ୍ୟକ । ଏବେ ତେଲେଙ୍ଗାନାରେ ଚାଲିଥିବା ଦଳିତ ବନ୍ଧୁ, ରାଇଥୁ ବନ୍ଧୁ ଆଦି ଯୋଜନାକୁ ସମଗ୍ର ଦେଶରେ ଲାଗୁ କରାଯିବ ବୋଲି ସେ କହିଛନ୍ତି । କେସିଆର ମଧ ଆସନ୍ତାକାଲି ପୁଣିଥରେ ଓଡ଼ିଶାରୁ ଯାଇଥିବା ନେତାମାନଙ୍କୁ ଭେଟିବା ସହ ତେଲେଙ୍ଗାନାର ବିକାଶ ମଡେଲକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି ।

## ଆମର ସାମ୍ବିଧାନିକ ବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ ଦୃଷ୍ଟାନ୍ତ ପାଲଟିଛି : ପଂଚାନନ ପ୍ରଧାନ

ଉଦଳା,୨୭/୦୧ (ନି.ପ୍ର): ଜନଜାଗୃତି ମଂଚ ତରଫରୁ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ୭୪ ତମ ଜନରାଜ୍ୟ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ମଂଚର ଟିମ ଲିଡ଼ର ଗଦାଧର ଦାଶଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସର୍ବେଶ୍ୱର ମହାପାତ୍ର ଜାତୀୟ ପତାକା ଉତୋଳନ କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ ଓ ପରେ ଭାରତମାତାକି ଜୟ, ବନ୍ଦେ ମାତରଂ ଇତ୍ୟାଦି ଧ୍ୱନି ଦେଇଥିଲେ । ଏହାପରେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଶ୍ରମଜୀବି ମଂଚର ସଦସ୍ୟ ପଂଚାନନ ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା କିପରି ସମଗ୍ର ବିଶ୍ୱବାସୀଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧରେ ସାମାଜିକ କର୍ମୀ ଗୋପାଲ କୃଷ୍ଣ ବର୍ମା, ରାମଚନ୍ଦ୍ର ସିଂ, ରୁପାଏ ବାସ୍କେ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ସୁବ୍ରତ କୁମାର ମହାନ୍ତି, କାପୁରା ମୁର୍ମୁ, ମାନସ ନାଏକ, ପୁରବି ପଟ୍ଟନାୟକ, ମନସିନି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାର ପଖାଳ ଓ ବଡ଼ିଚୁରାରେ ମନ ମୋହିଲେ ଇଟାଲୀୟ ଦଂପତି

ନୀଳଗିରି,୨୭/୦୧ (ନି.ପ୍ର): ଇଟାଲିର ଦୁଇ ଦଂପତି ଇଟାଲିରୁ ଆସି ଦିଲ୍ଲୀରେ ପହଂଚି ଦିଲ୍ଲୀରୁ ଏକ ମଟର ସାଇକେଲରେ କଲିକତାରେ ପହଂଚିଥିଲେ । କଲିକତାରୁ ଏକ ବୁଲେଟ ଗାଡ଼ିରେ ବାଲେଶ୍ୱରରେ ପହଂଚିବା ପରେ ଇଂଟରନେଟ ମାଧମରେ ପଂଚଲିଙ୍ଗେଶ୍ୱରରେ ଥିବା ସାଇ ହିଲ ଭ୍ୟୁ ରିସୋର୍ଟକୁ ସର୍ଚ୍ଚ କରି ପଂଚଲିଙ୍ଗେଶ୍ୱରରେ ପହଂଚିଥିଲେ। ଦଂପତି ପରିବାର ଉକ୍ତ ରିସୋର୍ଟରେ ୨ଦିନ ପାଇଁ ରହିଥିଲେ । ଏଠାରେ ଥିବା କୁଳଡିହା ଅଭୟାରଣ୍ୟର ଖୁମକୁଟ୍, ବିଶେଶ୍ୱର ମନ୍ଦିର, ପଂଚଲିଙ୍ଗେଶ୍ୱର ଶୈବପୀଠବୁଲି ଦେଖିଥିଲେ । ଟୁରିଷ୍ଟ ଗାଇଡ ମନୋରଂଜନ ଦାଶଙ୍କ ତତ୍ତ୍ୱାବଧାନରେ ଇଟାଲିୟ ଦଂପତି ପ୍ରାକୃତିକ ପରିବେଶକୁ ବେଶ୍ ଉପଭୋଗ କରିଥିଲେ। ସେମାନେ ଇଟାଲିରୁ ନଭେମ୍ବର ୧୪ ତାରିଖରୁ ବାହାରି ଭାରତର ବିଭିନ୍ନ ସ୍ଥାନ ବୁଲି ମାର୍ଚ୍ଚ ୪ ତାରିଖରେ ଇଟାଲି ଫେରିଯିବେ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ - ୨୦୨୩ ର ଦ୍ୱିତୀୟ ସନ୍ଧ୍ୟା



ଭଦ୍ରକ,୨୭/୦୧ (ନି.ପ୍ର): ଜାନୁୟାରୀ ୨୫ରେ ଉଦ୍‌ଘାଟିତ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀର ଆଜି ଦ୍ୱିତୀୟ ସନ୍ଧ୍ୟା ଭରପୁର ସହ ଜବରଦସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଷ୍ଟାଡ଼ିୟମ ଦୁଲୁକି ଉଠିଥିଲା। ଅପରାହ୍ନ ୪ଟାରୁ ସ୍ଥାନୀୟ କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାନ୍ଧ୍ୟ ସଭାରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ବରୁଣ ଗୁଣ୍ଟପାଲି, ଭଦ୍ରକ ପୌରାଧକ୍ଷ ଗୁଲମକୀ ଦଲଓ୍ୱାଜୀ ହବିବ୍, ଧାମନଗର ଏନ୍.ଏ.ସି. ଅଧକ୍ଷା ନିବେଦିତା ଜେନା, ବାସୁଦେବପୁର ମ୍ୟୁନିସିପାଲିଟି ଅଧକ୍ଷା ନିବେଦିତା ବେହେରା, ଚାନ୍ଦବାଲି ଏନ୍.ଏ.ସି. ଅଧକ୍ଷା ଶାନ୍ତିଲତା ସେଠୀ, ଭଦ୍ରକ ମ୍ୟୁନିସିପାଲିଟି ଉପାଧକ୍ଷା ଅଞ୍ଜୁବାଳା ଜେନା, ଧାମନଗର ଏନ୍.ଏ.ସି. ଉପାଧକ୍ଷ ଅସିମ୍ ଯାଜଦାନୀ କ୍ୱାଦ୍ରି ଯୋଗ ଦେଇଥିଲେ। ତାରକା ଉଦ୍‌ଘୋଶିତା ଗୁନ୍‌ଗୁନ୍ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଖ୍ୟାତନାମା ସମ୍ବଲପୁରୀ ଯୁବ ଗାୟକ ମଣ୍ଟୁ ଛୁରିଆ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରଙ୍ଗା ରଙ୍ଗ ନୃତ୍ୟ, ସମ୍ବଲପୁରୀ ଗୀତ ଭରା ସାଂସ୍କୃତିକ କାର୍ଯ୍ୟକ୍ରମ ଷ୍ଟାଡ଼ିୟମ୍ ଭରା ଖଚାଖଚ ଭିଡ଼ ମଧରେ ବି ଦର୍ଶକ ମଣ୍ଡଳୀ କୁ ଅଭିଭୂତ କରିଥିଲା। ଚଳଚିତ୍ର ତାରକା ହିରୋଇନ୍ ଶୀତଲଙ୍କ ନୃତ୍ୟ ମଧ ବେଶ୍ ଆକର୍ଷଣୀୟ ଥିଲା। ବହୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବି ଦର୍ଶକଙ୍କୁ ଏସବୁ କାର୍ଯ୍ୟକ୍ରମ ବାନ୍ଧିରଖିଥିଲା। ମଣ୍ଟୁଛୁରିଆ ବ୍ୟାଣ୍ଡର ଶୁଭାଶିଷ, ବୈଭବଙ୍କ ଭଳି ତାରକା ଗାୟକ ଙ୍କ ସହ ଅନ୍ୟ ସାଥୀ ଗାୟକମାନେ ମଧ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଶୀତଲଙ୍କ ନୃତ୍ୟସହ ସିଜଲର୍ସ ଡ୍ୟାନସ୍ ଗ୍ରୁପ୍ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଖାଦ୍ୟମେଳା ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ବିଭାଗୀୟ ଷ୍ଟଲ, ମହିଳା ଗୋଷ୍ଠୀଙ୍କ ଷ୍ଟଲ ମାନଙ୍କରେ ପ୍ରବଳ ଭିଡ଼ ଲାଗିରହିବାର ଦେଖାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ୍ଡୁ, ଶାନ୍ତନୁ କୁମାର ମହାନ୍ତି, ସି.ଡ଼ି.ଓ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଏ.ସି.ଡ଼ି.ଓ କୁଶଳ ଚନ୍ଦ୍ର ନାୟକ ସହକାରୀ ଜିଲ୍ଲାପାଳ ମନୋରମା ଜାଲି, କସ୍ତୁରୀବାଳା ଜେନା, କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ନେଇ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ।

## କମଳାକାନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ,୨୭/୦୧ (ନି.ପ୍ର): ଏରଡ଼ା ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ସମାଜସେବୀ ସ୍ୱର୍ଗତ କମଳାକାନ୍ତ ପାଣିଗ୍ରାହୀଙ୍କ ଏକାଦଶାହ ଉପଲକ୍ଷେ ଭାବ ଗମ୍ଭୀର ପରିବେଶରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ଭଦ୍ରକର ବିଧାୟକ ସଂଜୀବ ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ପଂଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱ ଓ ବଳରାମ ମହାନ୍ତିଙ୍କ ସଂଚାଳନାରେ ଅନୁଷ୍ଠିତ ସ୍ମୃତି ସଭାରେ ଅଭୟ ଦ୍ୱିବେଦୀ, ଇଂ ଅଭୟ ସୂତାର, ଡ. ବ୍ରଜମୋହନ ମିଶ୍ର, ଡ. ଶଶଧର ଦାସ, ଅଜୟ ନାୟକ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ଡ଼ା ପ୍ରଦୀପ ନାୟକ, ଶ୍ରୀହର୍ଷ ସ୍ୱାଇଁ, କମଳାକାନ୍ତ ସ୍ୱାଇଁ, ଅଧକ୍ଷ ଅମୂଲ୍ୟ ପରିଡ଼ା, ବ୍ୟୋମକେଶ ଜେନା, ବସନ୍ତ ବେହେରା, ଅଧ୍ୟାପକ ନିହାର ରଂଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅରୁଣ ଖିଲାର, ଡ. ତୁହିନାଂଶୁ ରଥ, ବିରେନ୍ଦ୍ର ପଣ୍ଡା, ସନାତନ ବେହେରା, ପ୍ରଫୁଲ ଦାସ, ମକରଧର ବଳ, ସନ୍ତୋଷ ହୋତା, ଚକ୍ରଧର ମିଶ୍ର, ଦେବେନ୍ଦ୍ର ଅଗସ୍ତି, ରାଧାଶ୍ୟାମ ନାୟକ, ବାଦଲ ମହାପାତ୍ର, ଉଗ୍ରସେନ ପାତ୍ର, ନିର୍ମଳ ଚନ୍ଦ୍ର ପଣ୍ଡା, ସୁଖଦା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ବିଜୟିନୀ ପାଣିଗ୍ରାହୀ, ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବାଙ୍କବିହାରୀ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ କନିଷ୍ଠ ପୁତ୍ର ଦେବବ୍ରତ ପାଣିଗ୍ରାହୀ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଜ୍ୟେଷ୍ଠ ପୁତ୍ର ପବିତ୍ର ପାଣିଗ୍ରାହୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମସ୍ତ ପରିବାର ବର୍ଗ ଶ୍ରଦ୍ଧାଞ୍ଜଳୀ ସଭାର ସୁପରିଚାଳନାରେ ସହାୟତା କରିଥିଲେ।

## ସରକାର ବୁଝିଲେ ନାହିଁ ଦାଦନଙ୍କ ଦୁଃଖ : ପାଠପଢ଼ା ଛାଡ଼ିଲେ ୧୦ ବର୍ଷ ବୟସର ପୁତ୍ର ସନ୍ତୋଷ



ଉଦଳା,୨୭/୦୧ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରା:ପ:ର ଦିଘିନୂଆସାହି ଗ୍ରାମର ବାସିନ୍ଦା ଗୁରୁଦେବ ସିଂ କୌଣସି କାମଧନ୍ଦା ନପାଇ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ଘରେ ତାଙ୍କର ସହଧର୍ମିଣୀ ଲିବେଇ ସିଂ ପରଘରେ କାମ କରି ଯେଉଁ ଦୁଇପଇସା ରୋଜଗାର କରନ୍ତି ସେଥିରେ ତାଙ୍କର ପରିବାର ଚଳେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଏବେ ତାଙ୍କର ଏକମାତ୍ର ପୁତ୍ର ସନ୍ତୋଷ ପାଠପଢ଼ା ଛାଡ଼ିବାକୁ ବାଧ ହୋଇଛନ୍ତି । ସନ୍ତୋଷଙ୍କ ବର୍ତ୍ତମାନ ବୟସ ୧୦ ବର୍ଷ ହେବ। ସେ ଗ୍ରାମରେ ଥିବା ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ତେବେ ଗତ କରୋନା ପରଠାରୁ ସେ ଏ ପର୍ଯ୍ୟନ୍ତ କୌଣସି ବିଦ୍ୟାଳୟରେ ନାମ ଲେଖାଇନଥିବାର ଜଣାଯାଇଛି । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ପ୍ରଦାନ କରାଯିବ । କିନ୍ତୁ ସରକାରଙ୍କ ଏହି ଘୋଷଣାଯେ ଏକ ପ୍ରହସନ ତାହା ସନ୍ତୋଷଙ୍କ ଭଳି ପିଲାଙ୍କୁ ଦେଖିଲେ ବେଶ ଭଲ ଭାବରେ ବୁଝି ହେବ।

## ମାକ୍ରୋୱେଭ୍ ଟେକ୍ନୋଲୋଜି ସଂସ୍ଥାରେ ଗଣତନ୍ତ୍ର ଦିବସ



ଭଦ୍ରକ,୨୭/୦୧ (ନି.ପ୍ର): ଭଦ୍ରକସ୍ଥିତ ଏକ ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା ଓ ଇ-ସେବା ପ୍ରଦାନକାରୀ ମାକ୍ରୋୱେଭ୍ ଟେକ୍ନୋଲୋଜି ସଂସ୍ଥାରେ ୭୪ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ପତାକା ଉତ୍ତୋଳନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟ ଓ ନିର୍ଦ୍ଦେଶକ ନମ୍ରତା ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁଶ୍ରୀ ଇସିତା ରାୟ, ପ୍ରଦ୍ୟୁମ୍ନ କୁମାର ସାହା, ସ୍ୱପ୍ନାରାଣୀ ରାଉତ, ଦିପନ୍ନା ଧଳ, କାଳନ୍ଦୀ ଜେନା, ଶୁଭଶ୍ରୀ ବାରିକ, ଶୁଭସ୍ମିତା ମଲ୍ଲିକ, ରାମଚନ୍ଦ୍ର ମହାନ୍ତି, ଶିବାନୀ ବଳ, ରୁଦ୍ରନାରାୟଣ ମହାନ୍ତି, ରଶ୍ମିରଂଜନ ବେହେରା, ସୁଷମା ସୂତାର, ପୂଜାରାଣୀ ମହାନ୍ତି, ଶୁଭସ୍ମିତା ସ୍ୱାଇଁ, ଦିବ୍ୟଜ୍ୟୋତି ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଖୋର୍ଦ୍ଧାର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଖୋର୍ଦ୍ଧା,୨୭/୦୧ (ନି.ପ୍ର): ୭୪ତମ ସାଧାରଣ ତନ୍ତ୍ର ଦିବସ ଖୋର୍ଦ୍ଧା ଜିଲ୍ଲାରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ,କେ.ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପତାକା ଉତୋଳନ ପରେ ପରେ ପାରେଡ ଅଭିବାଦନ ଗ୍ରହଣ କରିଥିଲେ ଏବଂ ଆରବିଏନ ପୋଲିସ ବାହିନୀ ତରଫରୁ ଜାତୀୟ ସଂଗୀତ ଗାନ ପରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଏ ଦେଶର ବରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ଯେଉଁ ମହାମୂଲ୍ୟ ସ୍ୱାଧୀନତା ଆମର ହସ୍ତଗତ ହେଲା ତାହା ସାଧାରଣ ଜନତାଙ୍କର ଶାସନ ପ୍ରଣାଳୀରେ ରୂପାନ୍ତରିତ ହୋଇଥିବା ପ୍ରକାଶ କରିବା ସହିତ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଠାରୁ ଏହି ଦିନ ଭାରତର ସମ୍ବିଧାନ ପ୍ରଣିତ ହେଲା ବୋଲି କହିଥିଲେ । ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଗଠିତ ହେଲା । ଏହାର ପଛନ୍ଦରେ ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ, ସୁବାଷ ବୋଷ, ସର୍ଦ୍ଦାର ପଟେଲ, ଭଗତ ସିଂ ଭଳି ମହାପୁରୁଷ ମାନଙ୍କର ତ୍ୟାଗ ଓ ବଳିଦାନ ଶ୍ରୀ ଚକ୍ରବର୍ତ୍ତୀ ସ୍ମରଣ କରିଥିଲେ । ସେହିଭଳି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ବିଜୁ ପଟ୍ଟନାୟକ, ବାଜି ରାଉତ ଙ୍କର ବଳିଦାନ ଅତୁଳନୀୟ । ଦେଶର ସ୍ୱାଧୀନତା ହାସଲରେ ଖୋର୍ଦ୍ଧାର ଉର୍ବର ଭୂମି ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂ, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀ ସାଧକ ଏବଂ ବକ୍ସି ଜଗବନ୍ଧୁ, ପିଣ୍ଡିକି ବହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ମାଧବ ଚନ୍ଦ୍ର ରାଉତରାୟଙ୍କ ପରି ପାଇକ ବୀରମାନଙ୍କ ସାଧନାର ପୀଠ ଥିବା ମୁଖ୍ୟ ଅତିଥି ତାଙ୍କ ଅଭି ଭାଷଣରେ ପ୍ରକାଶ କରିଥିଲେ ।

## ରେମୁଣାରେ ୭୪ତମ ଜନରାଜ୍ୟ ଦିବସ ପାଳିତ



ବାଲେଶ୍ୱର,୨୭/୦୧ (ନି.ପ୍ର): ରେମୁଣା ବଜାର ଶୁଖୁଆହାଟ ନିକଟରେ ୭୪ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ସକାଳ ୭ଟା ସମୟରେ ବଜାର କମିଟି ସଦସ୍ୟଙ୍କ ଉପସ୍ଥିତିରେ ଜିଲ୍ଲା ବିଜେଡି ଏସ୍.ସି ସେଲ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକାକୁ ଉତ୍ତୋଳନ କରିବା ସହିତ ସମବେତ ଜନତାଙ୍କୁ ସମ୍ବିଧାନ ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ । ବଜାର କମିଟିର ଉପାଧକ୍ଷ ଜୟନ୍ତ କୁମାର ବରାଳ ଓ କାଳିଚରଣ ବିନ୍ଧାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜନରାଜ୍ୟ ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ । କମିଟିର ସଂପାଦକ ଦୀନବଂଧୁ ଗାଆଣ ସଂଯୋଜନା କରିଥିବା ବେଳେ ଦେବ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.**
ee_rwbdk2@yahoo.co.in
*"e" Procurement Notice for Road & Building Works*
*Identification Online Tender 11/RWD/BDK-II / 2022-23 Dtd.25.01.2023*

1. Name of the Work :- Road & Building Works as per Annexure
2. Total Number of Works :- 4 Nos
3. Approximate Estimated Cost :- Rs 2.05 lakhs - Rs 4.20 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 11 | 31.01.2023 at 4.00 P.M. | 07.02.2023 up to 4.00 P.M | 06.02.2023 up to 3.00 P.M | 08.02.2023 at 11.00 AM |

7. **Further details can be seen from the e-procurement portal "https:// www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

OIPR : 25090/11/0020/2223
Superintending Engineer
R.W. Division-II, Bhadrak

# ମହାବୀର ନଗରରେ ବାଗ୍‌ଦେବୀଙ୍କ ପୂଜୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ

ଭଦ୍ରକ,୨୭/୦୧ (ନି.ପ୍ର): ଭଦ୍ରକ ଗେଲପୁର ପଞ୍ଚାୟତ ସାମରାଇପୁରସ୍ଥିତ ମହାବୀର ନଗରରେ ପ୍ରଥମ ବର୍ଷ ମା’ ସରସ୍ୱତୀଙ୍କ ପୂଜୋତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ନଗର ବାସୀଙ୍କ ପକ୍ଷରୁ ମା’ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ସହିତ ଏକ ବନ୍ଧୁମିଳନ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର କୋର କମିଟି ସଦସ୍ୟ ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବ ରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗେଲପୁର ପଂଚାୟତର ସରପଞ୍ଚ ରାଧାମୋହନ ଲେଙ୍କା, ଭଦ୍ରକ ବ୍ଲକ୍ ସିଡିପିଓ ସୁନନ୍ଦା ଦାସ ଯୋଗଦାନ କରିଥିଲେ। ଆୟୋଜିତ ସଭାରେ ନୂତନ ଭାବେ ଗଠିତ ମହାବୀର କଲୋନୀ କମିଟିର ସଭାପତି ନିର୍ମଳ ଚନ୍ଦ୍ର ବେହୁରିଆ, ସାଧାରଣ ସଂପାଦକ ପ୍ରମୋଦ ରାୟ, ସହ ସଂପାଦକ ଅତନୁ କୁମାର ପାତ୍ର, ଉପସଭାପତି ଉମାକାନ୍ତ ପଲେଇ, କୋଷାଧ୍ୟକ୍ଷ ପ୍ରତାପ କୁମାର ସାହୁଙ୍କ ସମେତ କଲୋନୀର ଉପଦେଷ୍ଟା ମଣ୍ଡଳୀ ଓ କଲୋନୀର ସମସ୍ତ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ କଲୋନୀର ପୂର୍ବ କମିଟିର କର୍ମକର୍ତ୍ତାଙ୍କୁ ନବ ନିର୍ବାଚିତ କମିଟି ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ କଲୋନୀ ବାସୀଙ୍କୁ ପକ୍ଷରୁ ହୋଇଥିବା ରାସ୍ତା, ଡ୍ରେନ୍ ସମସ୍ୟାର ଖୁବଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭା ପ୍ରାରମ୍ଭରେ ବିଧାୟକଙ୍କୁ ନଗର ବାସୀଙ୍କ ପକ୍ଷରୁ ଫୁଲତୋଡା ଦେଇ ସ୍ୱାଗତ କରାଯିବା ସହ ୧୬ ନଂ ଜାତୀୟ ରାଜପଥରୁ କଲୋନୀ ଭିତରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ଉପସ୍ଥିତ ଏହି ସଭାରେ ବରିଷ୍ଠ ନାଗରିକ ଶିକ୍ଷାବିତ୍ ସର୍ବଶ୍ରୀ ପ୍ରମୋଦ ନାୟକ, ପ୍ରଭାତ କିଶୋର ଦାସ, ଗଂଗାଧର ପାଣିଗ୍ରାହୀ ପ୍ରମୁଖ କଲୋନୀ ସମସ୍ୟା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ କଲୋନୀ ମଧ୍ୟରେ ପରସ୍ପର ମଧ୍ୟରେ ସୁସଂପର୍କ ବଜାୟ ରହୁ ବୋଲି କହିଥିଲେ। ଏହି ପୂଜୋତ୍ସବରେ ବିଦ୍ୟାଧର ସାହୁ ଓ ମୁକ୍ତାମଂଜରୀ ସାହୁ ସଂକଳ୍ପ କରିଥିବାବେଳେ ଦିବାକର ସେଠୀ, ଜ୍ଞାନରଂଜନ ମହାନ୍ତି, ତୁଷାରକାନ୍ତି ବାରିକ, ମନମୋହନ ସାହୁ, ମାନସୀ ନାୟକ, ପ୍ରଦୀପ ଦାସ, ଅଜିତ ମହାନ୍ତି, ଇଂ ହିମାଂଶୁ ଶେଖର ପାତ୍ର, ଇତିଶ୍ରୀ ଦାସ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ୧୯ନଂ. ରାଜ୍ୟରାଜପଥର ମନ୍ଥରଗତିର କାର୍ଯ୍ୟକୁ ନେଇ ଧାରଣାରେ ବସିବେ ବିଧାୟକ

ନୀଳଗିରି,୨୭/୦୧ (ନି.ପ୍ର): ୮୦କୋଟି ଟଙ୍କା ବ୍ୟୟ ଅଟକଳରେ ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାର ପ୍ରଶସ୍ତିକରଣ ପାଇଁ ଅର୍ଥ ମଂଜୁର କରାଯାଇଥିବା ବେଳେ ବାଲେଶ୍ୱର ପୂର୍ତ୍ତ ବିଭାଗ-୧ ପକ୍ଷରୁ ଉକ୍ତ କାର୍ଯ୍ୟକୁ ସମାପନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ହେଲେ ଆଜକୁ ୧ବର୍ଷ ଧରି ସଂପୃକ୍ତ ଠିକାଦର ସଂସ୍ଥା ୧୯ନଂ. ରାଜ୍ୟ ରାଜପଥର କାର୍ଯ୍ୟକୁ ଅତି ମନ୍ଥର ଗତିରେ କରୁଥିବା ବେଳେ ଦୈନିକ ଉକ୍ତ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଚୁକ୍ତିପତ୍ରର ବର୍ଷେ ଅତିବାହିତ ହୋଇଯାଇଥିବା ବେଳେ ଉକ୍ତ ରାସ୍ତାର କୌଣସି ଆଖିଦୃଶିଆ କାର୍ଯ୍ୟ ଦେଖିବାକୁ ମିଳୁନାହିଁ। ଏ ବାବଦରେ ନୀଳଗିରି ବିଧାୟକ ବହୁବାର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଜଣାଇଥିଲେ ବି କୌଣସି ସୁ’ଳ ମିଳିପାରି ନାହିଁ। ଉକ୍ତ ରାସ୍ତାରେ ବିଦ୍ୟୁତ୍ ସରବରାହ ସଂପ୍ରସାରଣ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ପାଇପ ସଂପ୍ରସାରଣ କାର୍ଯ୍ୟ ଏ ଯାବତ ହୋଇ ପାରି ନ ଥିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି। ଏ ସମସ୍ତ କାର୍ଯ୍ୟର ମନ୍ଥର ଗତି ପାଇଁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରିବା ସହ ଆସନ୍ତା ୭ଦିନ ମଧ୍ୟରେ ଉକ୍ତ ରାସ୍ତାର କାର୍ଯ୍ୟ ଯଦି ତ୍ୱରାନ୍ୱିତ ଗତିରେ ନ ଚାଲେ ତେବେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆସନ୍ତା ଫେବୃଆରୀ ୪ତାରିଖ ଦିନ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଧାୟକ ଶ୍ରୀଯୁକ୍ତ ନାୟକ ନୀଳଗିରି ପୂର୍ତ୍ତବିଭାଗର ଅଧିକାରୀ, ବାଲେଶ୍ୱର ପୂର୍ତ୍ତବିଭାଗ-୧ର ଏସ.ଇ., ସି.ଇ., ବାଲେଶ୍ୱର ଜିଲ୍ଲାପାଳ, ଏସ.ପି. ଓ ନୀଳଗିରି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

## ଫିଆଟଲକ୍ସ କ୍ଲବର ୩୧ତମ ବାର୍ଷିକ ମହୋତ୍ସବ



ନୀଳଗିରି,୨୭/୦୧ (ନି.ପ୍ର): ନୀଳଗିରର ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫିଆଟଲକ୍ସ କ୍ଲବର ୩୧ତମ ମହୋତ୍ସବ ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍କୁଲର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ମଂଚାସୀନ ରହି ଆଜିର ସମାଜରେ ପରିବର୍ତ୍ତନ ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟରେ ଶାଣିତ କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମଂଚ ଅଳଙ୍କୃତ କରି ଉଦ୍‌ଘାଟନୀ ଉତ୍ସବକୁ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୩୧ବର୍ଷ ଧରି ଫିଆଟଲକ୍ସ କ୍ଲବର ସମସ୍ତ ସଦସ୍ୟ ନିରନ୍ତର ଭାବେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଯୁବ ସମାଜ ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି ମଂଚାସୀନ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଭାସ୍କର ବିଶ୍ୱାଳ ଓ ଶରତ ଦାଶ ମଂଚ ପରିଚାଳନା କରିଥିବାବେଳେ ତାପସ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଗାୟକ ଅନ୍ତରାଚକ୍ରବର୍ତ୍ତୀ, ଦେବେଶ ପତି ଙ୍କ ଗୀତରେ ଦର୍ଶକ ମତୁଆଲା ହୋଇପଡ଼ିଥିଲେ। କୁନି ଗାୟକ ସତ୍ୟବ୍ରତ ଜେନାଙ୍କ ଗୀତରେ ସ୍ତବ୍ଧ ହୋଇଯାଇଥିଲେ ଶ୍ରୋତା। ସକାଳେ ଏକ ମେଗାରକ୍ତଦାନ ଶିବିରକୁ ନୀଳଗିରି ଥାନା ଅଧିକାରୀ ଗୋପାଳକୃଷ୍ଣ କର୍ଣ୍ଣ ଫିତାକାଟି ଶୁଭଉଦ୍‌ଘାଟନ କରିଥିଲେ। ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କ୍ଲବର ସୁରଂଜନ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି, ମୁକ୍ତିକାନ୍ତ ମିଶ୍ର, ସଂଜୀବ ମହାପାତ୍ର, ବିଜୟ ଲେଙ୍କା, ବିନୟ ପ୍ରଧାନ, ଧର୍ମେନ୍ଦ୍ର ମହାପାତ୍ର, ଯଶବନ୍ତ ରାଉତ, କୁମାର ରାୟ, ବବୁଲି ସରକାର, ଶରତ ଦାସ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ ପାଳିତ



ଉଦଳା,୨୭/୦୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ସାନବିଶୋଇ ଗ୍ରାମରେ ଗଢ଼ି ଉଠିଥିବା ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ ଚଳିତ ଜାନୁଆରୀ ୨୩ ତାରିଖ ସୋମବାର ଦିନ ପାଳିତ ହୋଇ ଯାଇଛି। ଏହି ଅବସରରେ ଦିବସ ବ୍ୟାପି ପତାକା ଉତୋଳନ, ସାଧାରଣ ସଭା, ଆଲୋଚନାଚକ୍ର , ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଭାତରେ ସ୍ଥାନୀୟ ସରପଂଚ ଭଗିରଥ ଦେହୁରୀ ପତାକା ଉତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟ ପ୍ରତିଷ୍ଠାରେ ଅଗ୍ରଣି ଭୂମିକା ନେଇଥିବା ବ୍ୟକ୍ତି ବିଶେଷଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ଆଜିର ଦିନରେ ନେତାଜୀ ସୁବାସଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପଡ଼ିଥିବାରୁ ତାଙ୍କର ସ୍ମୃତିଚାରଣ ଉଦେଶ୍ୟରେ ସମାଜସେବୀ ଯୋଗେନ୍ଦ୍ର ନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନାଏବ ସରପଂଚ ଶ୍ରୀମତୀ ନାୟକ, ରବିନାରାୟଣ କର, ଦେବରାଜ ସାହୁ, ଗଣେଶ୍ୱର ମହାପାତ୍ର, ଅଶୋକ କୁମାର ସେଠୀ ଓ ନରେନ୍ଦ୍ର ବିନ୍ଧାଣୀ ଅଂଶ ଗ୍ରହଣ କରି ଦେଶକୁ ସ୍ୱାଧିନ କରିବାରେ ଦୁଇ ସଂଗ୍ରାମୀଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଅଧ୍ୟକ୍ଷତା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତି, ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ସିରୁ ସୋରେନ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା କିପରି ବଂଚି ରହିବା ପାଇଁ ବର୍ତ୍ତମାନ ଅତ୍ୟାବଶ୍ୟକ ପାଲଟିଛି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ପରେ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ସଂଯୋଜକ ସନ୍ତୋଷ କୁମାର ସାହୁ ମଂଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ବିନ୍ଧାଣୀ ବାର୍ଷିକ ବିରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲିପ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ଭୋଳେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଏମ୍‌ସିଏଲ୍ ଗଣତନ୍ତ୍ର ଦିବସ ପାଳିତ : କଳା, ସଂସ୍କୃତି ଏବଂ ଐତିହ୍ୟକୁ ଚିତ୍ରଣ କରୁଥିବା ଛାତ୍ର ଏବଂ ଟେବୁଲ୍ ଦ୍ୱାରା ପ୍ରଦର୍ଶନ ଉତ୍ସବକୁ ଚିହ୍ନିତ କରେ



ସମ୍ବଲପୁର,୨୭/୦୧ (ନି.ପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ରେ ୭୪ ତମ ଗଣତନ୍ତ୍ର ଦିବସ ପାଳନ ଉତ୍ସବରେ ଆନନ୍ଦରେ ବହୁ ସଂଖ୍ୟାରେ ଲୋକଙ୍କ ଉପସ୍ଥିତିରେ ତ୍ରିକୋଣକୁ ଉଦ୍‌ଘାଟନ କରିଥିଲେ। ବିହାର ଗ୍ରାଉଣ୍ଡ ଏଠାରେ । ସିଏମଡି ମଧ୍ୟ ଆନୁଷ୍ଠାନିକ ପରେଡ ଯାଞ୍ଚ କରି ଏମସିଏଲ ସିକ୍ୟୁରିଟି, ଏନସିସି ବାଳକ ଓ ବାଳିକା, ସ୍କାଉଟ୍ ଏବଂ ଗାଇଡ୍ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ମାର୍ଚ୍ଚ କଣ୍ଟିଜେଣ୍ଟ ଅଭିବାଦନ ଗ୍ରହଣ କରିଥିଲା। ଏହି ଅବସରରେ ଅଭିନନ୍ଦନ ଜଣାଇ ଶ୍ରୀ ସିଂ ସଶସ୍ତ୍ର ବାହିନୀ ପ୍ରତି ସେମାନଙ୍କର ବୀରତ୍ୱ ତଥା ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଦେଶକୁ ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ସେମାନଙ୍କର ସେବା ପାଇଁ କୋଇଲା ଖଣି ମାଲିକଙ୍କୁ ଅଭିନନ୍ଦନ ଜଣାଇ ସିଏମଡି କହିଛନ୍ତି, ‘ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ଗତଖ ପ୍ରତିଦିନ ଉତ୍ପାଦନ ଏବଂ ଉତ୍ପାଦନର ନୂତନ ରେକର୍ଡ ସୃଷ୍ଟି କରୁଛି, ଯାହା ଗର୍ବର ବିଷୟ। ଦେଶର ବିକାଶ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ସୁନିଶ୍ଚିତ କରିବାରେ ଆମର ଅବଦାନ ଉତ୍କୃଷ୍ଟ ଏବଂ ପ୍ରଶଂସନୀୟ।’ ଶ୍ରୀ ସିଂ ତାଙ୍କ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଟିମ୍ ଏମସିଏଲ ସଫଳତାର ନୂତନ ମାଇଲଖୁଣ୍ଟ ସ୍ଥିର କରିବ। ଏହି ଅବସରରେ ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ପର୍ସନାଲ), ମୁଖ୍ୟ ଭିଜିଲାନ୍ସ ଅଫିସର ଶ୍ରୀ ପି.କେ ପଟେଲ, ଶ୍ରୀ ଜେ.କେ ବୋରା, ନିର୍ଦ୍ଦେଶକ (ବୈଷୟିକ/ ଅପରେସନ୍), ଶ୍ରୀ ଏ.କେ ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀମତୀ ପଦ୍ମଜା ସିଂ , ଏହାର ଉପ-ରାଷ୍ଟ୍ରପତି ଶ୍ରୀମତୀ ଅଲପ୍ନା ଶୁକ୍ଲା ରାଓ, ଶ୍ରୀମତୀ ସରିତା ପଟେଲ ଏବଂ ଶ୍ରୀମତୀ ରଶ୍ମୀ ବେହୁରାଙ୍କ ସହ ଜଗରୀ ମହିଳା ମଣ୍ଡଳ । ଏହି ସମୟରେ, ଏମସିଏଲର କ୍ଷେତ୍ରଗୁଡିକ କୋଇଲା ଖଣି ଏବଂ ଦେଶ ପାଇଁ ଏହାର ଅବଦାନ ବ୍ୟତୀତ ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, କଳା ଏବଂ ହସ୍ତଶିଳ୍ପକୁ ଦର୍ଶାଉଥିବା ଟେବୁଲ୍ ଉପସ୍ଥାପନ କରିଥିଲେ । କୋଣାର୍କ ନୃତ୍ୟ ମହୋତ୍ସବ, ହିରାକୁଦ୍ ଡ୍ୟାମ୍ ଏବଂ ସମଲେଶ୍ୱରୀ ମାଣ୍ଡିର, ଭୂତଳ ଖଣିରେ ମ୍ୟାନ୍ ଚାଳନା ପ୍ରଣାଳୀ, ଧନୁ ରାତ୍ର, ମା ହିଙ୍ଗୁଳା ଯାତ୍ରା, ଏବଂ ଜଗନ୍ନାଥ ମନ୍ଦିର ଏବଂ ହକି ବିଶ୍ୱକପ୍ ପ୍ରମୁଖ ସ୍ଥାନ ପାଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଉତ୍ସବରେ ରଙ୍ଗ ଯୋଗ କରିଥିଲା । ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହାପୂର୍ବରୁ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ପର୍ସନାଲ) ଜାଗ୍ରୁତି ବିହାରର କର୍ପୋରେଟ ଅଫିସରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଗଣତନ୍ତ୍ର ଦିବସରେ ଶୁଭେଚ୍ଛା ଜଣାଇଥିଲେ। ଅନୁଗୁଳ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର ଏମସିଏଲର କାର୍ଯ୍ୟକ୍ଷମ ଅଞ୍ଚଳରେ ମଧ୍ୟ ଏହି ଉତ୍ସବ ଆୟୋଜନ କରାଯାଇଥିଲା ଯେଉଁଠାରେ ଏରିଆ ଜେନେରାଲ ମ୍ୟାନେଜରମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ନୀଳଗିରି ସହରରେ ହାତୀ : ସହରବାସୀ ଆତଙ୍କିତ

ନୀଳଗିରି,୨୭/୦୧ (ନି.ପ୍ର): ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ କୁଲଡିହା ଅଭୟାରଣ୍ୟର ଏକ ହାତୀ ମିରିଗିଣି ପାହାଡ଼ ଦେଇ ଘାଟଘରସାହି ର ରାଜା ବଗିଚା ବସ୍ତିରେ ପହଂଚିଥିଲା। ଉକ୍ତ ହାତୀକୁ ଦେଖି ଅଂଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ପଡ଼ୋଶୀ ମାନେ ଏକତ୍ରିତ ହୋଇ ଉକ୍ତ ହାତୀକୁ ଟର୍ଚ୍ଚଲାଇଟ ମାରି ନୀଳଗିରି ବଡ଼ଦାଣ୍ଡ ଦେଇ ହାଟ ରାସ୍ତାରେ ସ୍ୱର୍ଣ୍ଣଚୂଡ଼ ପାହାଡ଼ର ପାଦଦେଶରେ ଛାଡ଼ି ଦେଇଥିଲେ। ଚରିଆଡ଼େ ଏନ.ଏ.ସି. ପକ୍ଷରୁ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରାଯାଇଥିଲେ ବି ଆଲୁଅକୁ ଖାତିର ନ କରି ସହର ମଧ୍ୟରେ ନିଜର ରାଜ ଚଳାଇଥିଲା। ଖବର ପାଇ ନୀଳଗିରି ବନବିଭାଗ ପହଂଚି ହାତିଟିକୁ ଘଉଡ଼ାଇବାରେ ସଫଳ ହୋଇଥିଲେ।

## ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ



ଭଦ୍ରକ,୨୭/୦୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ୭୪ତମ ସାଧାରଣତନ୍ତ୍ର ଦିବସ ୨୦୨୩ କୁ ଭଦ୍ରକ ଜିଲ୍ଲା ସ୍ତରରେ ଭଦ୍ରକ କଲେଜ ଖେଳ ପଡ଼ିଆରେ ମହା ସମାରୋହରେ ପାଳନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ୍ ପରିଦର୍ଶନ ପୂର୍ବକ ଅଭିବାଦନ ଗ୍ରହଣ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ଭଦ୍ରକ ପୌରାଞ୍ଚଳରେ ରାମଧୂନ ପରିକ୍ରମା କରାଯାଇଥିଲା। ସକାଳ ୭ଟା ମଧ୍ୟରେ ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ପ୍ରଭାତଫେରୀରେ ଯାଇ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ୩୩ ଗୋଟି ପ୍ୟାରେଡ୍ କଣ୍ଟିଜେଣ୍ଟ ମାନଙ୍କୁ ନେଇ ମାର୍ଚ୍ଚପାଷ୍ଟ କରାଯାଇଥିଲା। ଆର୍.ଆଇ.ପୋଲିସ୍ ମନୋରଞ୍ଜନ ତରେଇ ଓ ସେକେଣ୍ଡ ଇନ୍‌କମାଣ୍ଡ ଚିତ୍ତରଞ୍ଜନ ମହାନ୍ତି ପ୍ୟାରେଡ୍ ପରିଚାଳନା କରିଥିଲେ। ଏନ୍.ସି.ସି.ର ସିନିଅର, ଜୁନିୟର, ସିଭିଲିଆନ୍‌ର ସିନ୍ୟ‌ର , ଜୁନିୟର ସହ ସ୍କାଉଟ୍, ଗାଇଡ୍, ରେଡକ୍ରସ୍, ଆଦି କଣ୍ଟିଜେଣ୍ଟ ଦଳ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିଲେ। ଏସ୍.ପି. ବରୁଣ ଗୁଣ୍ଟୁପାଲି ମୁଖ୍ୟ ଅତିଥିଙ୍କ ସହ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆମ ଦେଶ ପାଇଁ ସ୍ୱାଧୀନତା ଆଣି ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରି ମହାମନିଷୀ ମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ କରିବାକୁ ଆମକୁ ଆହୁରି ବିକାଶ ପଥରେ ଆଗେଇବାକୁ ପଡ଼ିବ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ପ୍ୟାରେଡ଼ ପରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ଇଂରାଜୀ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ୟାରେଡ୍ ରେ ସର୍ବୋତ୍ତମ ପ୍ରଦର୍ଶନ ଆଧାରରେ ମଧ୍ୟ ପ୍ରତିବର୍ଗରେ ଟ୍ରଫି ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ପ୍ରତିଯୋଗୀ ଦଳମାନଙ୍କ ମଧ୍ୟରେ ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଭଦ୍ରକ, ସେଣ୍ଟଜାଭିୟର ସ୍କୁଲ ପୁରସ୍କୃତ ହୋଇଥିଲେ। ପରେ ପରେ ମୁଖ୍ୟ ଅତିଥି ଅନ୍ୟମାନଙ୍କ ସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରକ୍ତଦାନ ଶିବିର ପରିଦର୍ଶନ କରି ରୋଗୀମାନଙ୍କୁ ଜିଲ୍ଲାସ୍କୁଲ ଓ ବସ୍ ସିଣ୍ଡିକେଟ ଦ୍ୱାରା ପ୍ରଦତ୍ତ ଫଳ ବଣ୍ଟନ କରିଥିଲେ।

## ପ୍ରତିଶ୍ରୁତି ପ୍ରତିଷ୍ଠାନର ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ




ବାରିପଦା,୨୭/୦୧ (ନି.ପ୍ର): ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଏକ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ ବିଶିଷ୍ଟ କବି ତଥା ଆଧ୍ୟାତ୍ମିକ ପ୍ରବାଚକ ଭାଗବତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିବା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଓ ସୁଗାଳ୍ପିକା ବିଜୟଲକ୍ଷ୍ମୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଓଡିଆ ଜାଗରଣ ମର ପ୍ରତିଷ୍ଠାତା ଶରତଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଡ. ବେଶ୍ରା ତାଙ୍କ ଅଭିଭାଷଣରେ ପ୍ରତିଶ୍ରୁତି ପ୍ରତିଷ୍ଠାନର ଏହା ଏକ ନିଆରା କାର୍ଯ୍ୟକ୍ରମ ବୋଲି ଉଲ୍ଲେଖ କରି ସାହିତ୍ୟ ସବୁବେଳେ ସମାଜର ବିଭିନ୍ନ ଭାଷାଭାଷୀ ନିର୍ବିଶେଷରେ ସମସ୍ତଙ୍କୁ ଏକାଠିକରି ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥାଏ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ମହାନ୍ତି ପ୍ରତିଶ୍ରୁତି ପ୍ରତିଷ୍ଠାନ ଦୀର୍ଘ ରିଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ପ୍ରତିଶ୍ରୁତି ସାହିତ୍ୟ ପତ୍ରିକା ପ୍ରକାଶ କରି ସାହିତ୍ୟିକମାନଙ୍କ ଭିତରେ ସଦ୍‌ଭାବ ପ୍ରତିଷ୍ଠା ସହ ସେମାନଙ୍କର ସୃଷ୍ଟିକୁ ପାଠକମାନଙ୍କ ନିକଟରେ ପହଞ୍ଚାଇବାର ପ୍ରଚେଷ୍ଟା କରିବା ପ୍ରଶଂସା ଯୋଗ୍ୟ ବୋଲି ଉଲ୍ଲେଖ କରିଥିଲେ। ସଭାପତି ଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ଦେଇ ସାହିତ୍ୟର ସେବା ସମାଜର ସେବା, ସାହିତ୍ୟର ସେବା ମାନବର ସେବା ଓ ସାହିତ୍ୟର ସେବା ମାଧବର ସେବା ବୋଲି କହି ଭାରତର ସର୍ବପ୍ରାଚୀନ ସାହିତ୍ୟ, ବେଦ, ଉପନିଷଦ ଓ ପୁରାଣ ପ୍ରଭୃତି କିପରି ମଣିଷ ଭିତରେ ମଣିଷପଣିଆର ଉଦ୍ରେକ ପାଇଁ ଅଭିପ୍ରେତ ବୋଲି ଉଲ୍ଲେଖ କରି ଶ୍ରୀମଦ୍ ଭଗବତ ଗୀତାର ସାହିତ୍ୟିକ ମାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସଙ୍କ ସଂଯୋଜନାରେ ଓଡିଆ, ହିନ୍ଦୀ, ଇଂରାଜୀ, ସାନ୍ତାଳୀ, ହୋ ଓ ମୁଣ୍ଡାରୀ ପ୍ରଭୃତି ବିଭିନ୍ନ ଭାଷାରେ ରଚିତ କବିତାଗୁଡିକ କବିମାନେ ପାଠ କରିଥିଲେ। ଏହି ପାଠୋତ୍ସବରେ ମୁଖ୍ୟ ଅତିଥି ଡ. ବେଶ୍ରା ସାନ୍ତାଳୀ ଭାଷାରେ ଲିଖିତ କବିତା (ପୁନର୍ଜନ୍ମ) ପାଠ କରିଥିବାବେଳେ ଜ୍ୟୋତିଷଚନ୍ଦ୍ର ମହାପାତ୍ର, ନନ୍ଦଲାଲ ସିଂ, ଡାଃ ଦୀପଙ୍କର ମିଶ୍ର, ଭଗବତୀ ଦାଶ, ଅଜିତ କୁମାର କବାଟ, ନରସିଂହ ବାରିକ, ଅଜିତ କୁମାର ପାଣିଗ୍ରାହୀ, ଅଜୟ କୁମାର ପାଳ, ହିମାଂଶୁ ଶେଖର ଦାସ, ଗୋବିନ୍ଦ ଚନ୍ଦ୍ର ମାଝୀ, ମାଙ୍ଗାତ୍ ମୁର୍ମୁ, ବୁଧୁ ସିଂ, ହାଜାମ୍ ବାସ୍କେ, ଗୀତାରାଣୀ ସାହୁ, ବିରଜା ଦେବୀ, ବିଜୟ କୁମାର ମହାନ୍ତି, ଯତୀନ୍ଦ୍ରନାଥ ବାସ୍କେ, ପୁକୁନୁ ମୁର୍ମୁ, ପ୍ରଦୀପ କୁମାର ନାୟକ, ଅଧ୍ୟାପକ ରାଜେନ୍ଦ୍ର ସାମଲ, ପ୍ରବୀର କୁମାର ଘୋଷ, କାବେରୀ ମିଶ୍ର, ଶିରାମ ଟୁଡୁ, ଧନେଶ୍ୱର ପଣ୍ଡା, ଅଧ୍ୟାପକ ଦଳଗୋବିନ୍ଦ ମହାନ୍ତ, ଅଶୋକ କୁମାର ପଲେଇ, ଡ. କବିତା ନନ୍ଦ, ଦୀପ୍ତି ମିଶ୍ର, ସବିତାରାଣୀ ଶୀଟ୍, ଶେଖ୍ ଜିକ୍ରୁଲ୍ଲା, ଯତୀନ୍ଦ୍ର ନାଥ ସାହୁ, ଅଜମ୍ବର ପୃଷ୍ଟି, ଜୟନ୍ତ କୁମାର ଦ୍ୱାରୀ, ପଦ୍ମନାଭ ସାହୁ, ସୁଧାମୟୀ ଦାସ ପ୍ରମୁଖ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. କୈଳାସ ଚନ୍ଦ୍ର ମହାନ୍ତି, ଦୋଳଗୋବିନ୍ଦ ଦାଶ, ଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ ମଧୁମିତା ନନ୍ଦ, ଅଚ୍ୟୁତ ପ୍ରସାଦ ମହାପାତ୍ର, ସମ୍ବିତ କୁମାର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ସରସ୍ୱତୀ ବନ୍ଦନା ଗାନ କରିଥିବାବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୪ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ନୀଳଗିରି ,୨୭/୦୧ (ନି.ପ୍ର): ୭୪ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ନୀଳଗିରିଥାନା ପଡ଼ିଆ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ହୋଇ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ମୋଟ ୩୦ଟି ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ। ପରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୂପ ଭାବେ ନୀଳଗିରି ଏନ.ଏ.ସି. କାର୍ଯ୍ୟାଳୟରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅଧକ୍ଷା ଅମ୍ବିକା ଦାସ ପତାକା ଉତୋଳନ କରିଥିଲେ। ପରେ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା। ଉପଖଣ୍ଡରେ ଥିବା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ବିଭିନ୍ନ ସ୍କୁଲ କଲେଜମାନଙ୍କରେ ୭୪ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo